


# ଅଭୁଲା ଅଭିନୟ



ଜନ୍ମ ଅଛି ମାନେ ମୃତ୍ୟୁ ଅଛି, ଏହା ହେଉଛି ବିଧିର ବିଧାନ । ହେଲେ ଏହି ଧରାରେ ଏଭଳି ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଅବର୍ତ୍ତମାନରେ ସୃଷ୍ଟି ହୋଇଥାଏ ଅପୂରଣୀୟ କ୍ଷତି । ଯେଉଁମାନଙ୍କ ପାଇଁ କିଛି କ୍ଷେତ୍ର ବହୁଳ ଭାବେ ପ୍ରଭାବିତ ହୋଇଥାଆନ୍ତି । ସେହିଭଳି ବର୍ତ୍ତମାନ ଭାରତୀୟ ସିନେମା ବହୁଳ ଭାବେ କ୍ଷତି ସହିବାରେ ଲାଗିଛି । ବିଗତ କିଛି ମାସ ଭିତରେ କିଛି ଏଭଳି ବ୍ୟକ୍ତିତ୍ୱଙ୍କର ଦେହାନ୍ତ ହୋଇଛି, ଯାହାର କ୍ଷତି ଖୁବ ବଡ । ଏହି ତାଲିକାରେ ଅଭିନୟର ଅନେକ କିମ୍ବଦନ୍ତୀ ଅଭିନେତା ଅଭିନେତ୍ରୀ ସାମିଲ ଅଛନ୍ତି । ଯେଉଁମାନେ ଇଣ୍ଡଷ୍ଟ୍ରୀକୁ ଶତାଧିକ ଫିଲ୍ମ ସହିତ ଦର୍ଶକଙ୍କୁ ଅନେକ ସ୍ମୃତି ଦେଇଛନ୍ତି । ଆସନ୍ତୁ ସେହିଭଳି କିଛି ଅଭିନେତାଙ୍କ ସମ୍ପର୍କରେ ସଂକ୍ଷେପରେ ଜାଣିବା ।


# ୨୦୨୫ ବଲିଉଡ ପାଇଁ ଥିଲା ଅଶୁଭ ବର୍ଷ । ଗତ କିଛି ମାସ ଭିତରେ ଇଣ୍ଡଷ୍ଟ୍ରୀ ତାର ଅନେକ ଦିଗଜ୍ ଅଭିନେତାଙ୍କୁ ହରାଇଛି, ଯେଉଁକାରଣରୁ ସୃଷ୍ଟି ହୋଇଛି ଏକ ବିରାଟ ଶୂନ୍ୟସ୍ଥାନ ।


## ଧର୍ମେନ୍ଦ୍ର


ଅଭିନେତା ଧର୍ମେନ୍ଦ୍ରଙ୍କ ଅବର୍ତ୍ତମାନରେ ଭାରତୀୟ ସିନେମା ଜଗତର ଏକ ଯୁଗର ଅନ୍ତ ଘଟିଛି । ବିଗତ ୬ ଦଶନ୍ଧିରୁ ଅଧିକ ଦିନ ଧରି ଦର୍ଶକଙ୍କ ହୃଦୟରେ ରାଜ କରୁଥିଲେ ହି ମ୍ୟାନ । ଫିଲ୍ମ ଜଗତର ଅନେକ ଯୁବପିଢିଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ । ଅନେକଙ୍କ କ୍ୟାରିୟର ସେ ସାଜିଥିଲେ ଗାଇଡ ମାଷ୍ଟର । ବଲିଉଡର ଏକ ଅଧ୍ୟାୟର ଘଟିଛି ଅନ୍ତ । ଭାରତୀୟ ସିନେମାରେ ସୃଷ୍ଟି ହୋଇଛି ଏଭଳି ଏକ ଶୂନ୍ୟସ୍ଥାନ, ଯାହା ଆଗକୁ କେବେ ବି ପୂରଣ ହେବ ନାହିଁ । ବଲିଉଡ ହରାଇଛି ତାର ହି ମ୍ୟାନଙ୍କୁ ଯିଏ କେବଳ ରୋମାଣ୍ଟିକ ନୁହେଁ ଆକସନ୍ ଅନ୍ଦାଜରେ ମଧ୍ୟ ନିଜ ଫ୍ୟାନଙ୍କର ମନୋରଞ୍ଜନ ୬ ଦଶନ୍ଧି ଧରି କରିଥିଲେ । ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା












ଧର୍ମେନ୍ଦ୍ର ବଲିଉଡ ଇତିହାସର ଜଣେ ସ୍ୱର୍ଣ୍ଣିମ ପୁରୁଷ । ଯିଏ ପଞ୍ଜାବରୁ ଆସି ମାୟାନଗରୀର ବାଦଶାହ ପାଲଟି ଯାଇଥିଲେ ।

୮ ଡିସେମ୍ବର ୧୯୩୫ରେ ପଞ୍ଜାବର ନସରାଲୀର ହେଡମାଷ୍ଟର କେବଲ କିସନ ଦେଓ୍ୱଲ ଓ ସନ୍ତବନ୍ତଙ୍କ ପୁତ୍ରଭାବେ ଜନ୍ମ ହୋଇଥିଲେ । ପିଲାଦିନ ନାଁ ରହିଥିଲା ଧରମ କେବଲ କୃଷ୍ଣ ଦେଓ୍ୱଲ । ସରକାରୀ ସ୍କୁଲରୁ ନିଜର ପାଠ ପଢା ଆରମ୍ଭ କରିଥିଲେ ଧର୍ମେନ୍ଦ୍ର । ତେବେ ଯେତେବେଳେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ ସେତେବେଳେ ଦିଲ୍ଲୀପ କୁମାରଙ୍କ ଫିଲ୍ମ ସହୀଦ ଦେଖିବା ପରେ ହିରୋ ହେବା ପାଇଁ ଯେପରି ଶପଥ ନେଇଥିଲେ । ଏହାପରେ ଏକ ଟାଲେଣ୍ଟ ହଣ୍ଟ ଶୋ ଜିତିବା ପରେ ତାଙ୍କୁ ଦେବ ଆନନ୍ଦଙ୍କ ସହିତ ଲଞ୍ଚ ହେବାର ଅଫର ମିଳିଥିଲା । ମୁମ୍ବାଇରେ ହୋଇଥିବା ଫିଲ୍ମ ଫେୟାରର ଟାଲେଣ୍ଟ ହଣ୍ଟ ଶୋରେ ଭାଗ ନେଇଥିଲେ । ଏହି ଶୋର ବିଜେତାଙ୍କୁ ସେତେବେଳେ ହିନ୍ଦୀ ଫିଲ୍ମ ମିଳିବାର ପ୍ରଥା ଥିଲା । ତେବେ ଏହି ଶୋର ସମସ୍ତ ପ୍ରତିଯୋଗୀଙ୍କୁ ଦେବ ଆନନ୍ଦଙ୍କ ଫିଲ୍ମ ସେଟକୁ ନିଆଯାଇଥିଲା ଯେଉଁଠାରେ ଧର୍ମେନ୍ଦ୍ରଙ୍କୁ ଦେବ ଆନନ୍ଦ ଦେଖିବା ସହିତ ଫିଲ୍ମ ପାଇଁ ଅଫର ହୋଇଥିଲା ।


ମୁମ୍ବାଇରେ ରହିବା ବେଳେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଡ୍ରିଲିଂ ଫାର୍ମରେ କାମ କରିଥିଲେ ଯେଉଥିରେ ସେ ୨୦୦ ଟଙ୍କାର ପାରିଶ୍ରମିକ ପାଉଥିଲେ । ଅନେକ ମାସ ବିଭିନ୍ନ ପ୍ରଡକସନ୍ ହାଉସ ଗୁଡିକ ବୁଲିବା ପରେ ଫିଲ୍ମ ଦିଲ୍ ଭି ତେରା ହମ ଭି ତେରେରେ ସୁଯୋଗ ମିଳିଥିଲା, ଯାହା ୧୯୬୦ରେ ରିଲିଜ ହୋଇଥିଲା । ଏହି ଫିଲ୍ମ ପାଇଁ ତାଙ୍କୁ ମାତ୍ର ୫୧ ଟଙ୍କା ଫିସ୍ ମିଳିଥିଲା । ପଇସା ବଞ୍ଚାଇବା ପାଇଁ ସେ ସେତେବେଳେ ନିର୍ଦ୍ଦେଶକ ଅର୍ଜୁନ ହିଙ୍ଗୋରାନୀଙ୍କ ଗ୍ୟାରେଜ୍‌ରେ ରହୁଥିଲେ । ତେବେ ପ୍ରଥମ ଫିଲ୍ମ ତାଙ୍କର ହିଟ ହୋଇଥିଲା ଏବଂ ତାଙ୍କୁ ଘରେଘରେ ପରିଚୟ ଦେଇଥିଲା । ନିଜ କ୍ୟାରିୟରରେ ସେ ୩୦୦ରୁ ଅଧିକ ଫିଲ୍ମରେ ଅଭିନୟ କରି ସେ ଏକ ଯୁଗର ସୃଷ୍ଟି କରିଥିଲେ । ୧୯୬୦ ରୁ ୭୦ ଦଶକ ଭିତରେ ଧର୍ମେନ୍ଦ୍ର ରୋମାଣ୍ଟିକ ହିରୋର ପରିଚୟ ପାଇଥିଲେ । ଏହାରି ଭିତରେ ୧୯୬୭ରେ ଫୁଲ ଔର ପଥର ଫିଲ୍ମ ରିଲିଜ୍ ହୋଇଥିଲା । ଏହି ଫିଲ୍ମରେ ଧର୍ମେନ୍ଦ୍ରଙ୍କୁ ପ୍ରଥମଥର ପାଇଁ ଆକସନ୍ ଫିଲ୍ମରେ ଦେଖିବାକୁ ମିଳିଥିଲା । ଏହି ଫିଲ୍ମପରେ ତାଙ୍କୁ ଆକସନ୍ ହିରୋ ବା ହି ମ୍ୟାନ୍‌ର ଆଖ୍ୟ ମିଳିଥିଲା । ଘରେଘରେ ରୋମାଣ୍ଟିକ ସହିତ ଆକସନ୍ ହିରୋ ଭାବେ ଦର୍ଶକଙ୍କ ହୃଦୟରେ ରାଜ କରିବା ଆରମ୍ଭ କରିଥିଲେ । ୧୯୭୫ରେ ରିଲିଜ୍ ହୁଏ ଫିଲ୍ମ ଶୋଲେ । ଭାରତୀୟ ଫିଲ୍ମ ଇତିହାସରେ ଏହି ଫିଲ୍ମଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର, ଅମିତାଭ ଓ ହେମାମାଳିନୀଙ୍କ ଅଭିନୟ ଆଜି ବି ଜୀବନ୍ତ । ତେବେ















ଏହି ସୁନ୍ଦର ଯାତ୍ରାର ଅନ୍ତ ୨୦୨୫ ଡିସେମ୍ବର ୨୪ରେ ଘଟିଥିଲା । ଯାହା ହି ମ୍ୟାନଙ୍କ ଫ୍ୟାନଙ୍କ ପାଇଁ ଥିଲା ଖୁବ କଷ୍ଟ ଦାୟକ ମୁହୁର୍ତ୍ତ ।


## ସତୀଶ ଶାହ

ନବେଦଶକର ଏଭଳି କୌଣସି ଫିଲ୍ମ ନଥିଲା ଯାହା ସତୀଶ ଶାହଙ୍କ ବିନା ତିଆରି କରାଯାଉଥିଲା । ସମସ୍ତେ ଫିଲ୍ମ କାଷ୍ଟିଂ ସମୟରେ ପ୍ରଥମେ ଖୋଜୁଥିଲେ ସତୀଶଙ୍କୁ । ସତୀଶଙ୍କୁ ବି ଯେଉଁ ବି ଚରିତ୍ର ମିଳୁଥିଲା ସବୁକୁ ବେଶ ଜୀବନ୍ତ ଭାବେ ପରଦାରେ ଫୁଟାଇ ପାରୁଥିଲେ । ତାଙ୍କର କମେଡି ହେଉ କିମ୍ବା ଗମ୍ଭୀର ଚରିତ୍ର ସବୁକୁ ଦର୍ଶକ ଖୁବ ଭଲ ପାଇବା ଦେଉଥିଲେ । କେବଳ ବଡ ପରଦା ନୁହେଁ ଟେଲି ପରଦାରେ ବି ତାଙ୍କର ଯାଦୁ ଦେଖିବାକୁ ମିଳୁଥିଲା । ୧୯୮୪ରେ ତାଙ୍କର ଟେଲି ଧାରାବାହିକରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ତାଙ୍କୁ ୟେ ଜୋ ହେ ଜିନ୍ଦେଗୀ, ପିଏ ସାହାବ, ଘର ଜମାଇ, ମସ୍ତ ମସ୍ତ ହେ ଜିନ୍ଦେଗୀ, ସାରା ଭାଇ ଭର୍ସେସ ସାରା ଭାଇ ଭଳି ଅନେକ ଧାରାବାହିକରେ ତାଙ୍କ ଅଭିନୟ ଦେଖିବାକୁ ମିଳୁଥିଲା । ତାଙ୍କର ବଡ ପରଦାରେ ୧୦୦ରୁ ଅଧିକ ଫିଲ୍ମ ରହିଛି, ଯାହା ଦର୍ଶକଙ୍କ ହୃଦୟରେ ଆଜି ବି ଜୀବନ୍ତ । ସେ ନିଜର ବି ଟାଉନ ଡେବ୍ୟୁ ଅରବିନ୍ଦ ଦେଶାଇ କି ଅଜିବ ଦାସ୍ତନାରେ କରିଥିଲେ । ଏହି ଫିଲ୍ମ ପରେ ସେ ଅନେକ ଫିଲ୍ମ ଯେପରି ଅରବିନ୍ଦ ଦେଶାଇ କି ଅଜିବ ଦାସ୍ତାଁ, ଉମାରୋଜାନ, ଶକ୍ତି, ଜନେ ଭି ଦୋ ୟାରୋ, ଅନୋଖା ରିସ୍ତା, ଅପନେ ଅପନେ, କଲିୟୁଗ ଔର ରାମାୟନ, ଜାନ ହଥେଲି ପେ, ଜଙ୍ଗଲ କୁଇନ୍, ଦିଲ ବାଲେ ଦୁଲ୍ହନିଆ ଲେ ଜାଏଗି, ତିସରା କୌନ, ଜୁଡୱା, ହିରୋ ନମ୍ବର ୧ ଭଳି ଅନେକ ଫିଲ୍ମ ରହିଛି ଯେଉଁଥିରେ ସତୀଶଙ୍କୁ ଦେଖିବାକୁ ମିଳିଛି । ତାଙ୍କ ଜୀବନ୍ତ ଅଭିନୟ ସବୁବେଳେ ଦର୍ଶକଙ୍କ ହୃଦୟକୁ ଛୁଇଁଥାଏ । ତାଙ୍କ କମେଡି ଟାଇମିଂ, ଭାବପ୍ରବଣତା ଅଭିନୟ ସବୁବେଳେ ଦର୍ଶକଙ୍କୁ ବାନ୍ଧି ରଖିଥାଏ । ମହାରାଷ୍ଟ୍ରରେ ୧୯୫୧ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସତୀଶ କୌଶକି । ତାଙ୍କର ପାଠପଢା ମୁମ୍ବାଇରେ ହିଁ ହୋଇଥିଲା । ଏହାପରେ ସେ ଫିଲ୍ମ ଓ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ, ପୁନେରୁ ଫର୍ମାଲ ଟ୍ରେନିଂ ପ୍ରାପ୍ତ କରିଥିଲେ । ଯାହାପରେ ନିଜର କ୍ୟାରିୟର ବଲିଉଡ ଇଣ୍ଡଷ୍ଟ୍ରୀରେ ଆରମ୍ଭ କରିଥିଲେ । ହେଲେ ଏହି ମହାନ କଳାକାରଙ୍କର ହୃଦଘାତ କାରଣରୁ ୨୦୨୫ ଅକ୍ଟୋବର ୨୫ରେ ଦେହାନ୍ତ ହୋଇଥିଲା । ଯାହାଙ୍କର ମୃତ୍ୟୁରେ ବଲିଉଡରେ ଏକ ଶୁନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।



## ଗୋବର୍ଦ୍ଧନ ଅସରାନି

ବଲିଉଡର ବରିଷ୍ଟ କଳାକାରଙ୍କ ତାଲିକାରେ ଗୋବର୍ଦ୍ଧନ ଅସରାନିଙ୍କ ନାଁ ଆଗରେ ଆସିଥାଏ । ସିନେମା ଜଗତରେ








ତାଙ୍କୁ ସମସ୍ତେ ଅସରାନି ଭାବରେ ଜାଣନ୍ତି । ଜଣେ ଭାରତୀୟ ଅଭିନେତା ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବେ ତାଙ୍କର ଅନେକ କ୍ଷ୍ୟାତି ରହିଛି । ଭାରତୀୟ ସିନେମାରେ ତାଙ୍କର କ୍ୟାରିଅର୍ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାପୀ ଥିଲା, ଏହି ସମୟ ମଧ୍ୟରେ ସେ ୩୫୦ ରୁ ଅଧିକ ହିନ୍ଦୀ ଏବଂ ଗୁଜୁରାଟୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅସରାନି ମୁଖ୍ୟ, ଚରିତ୍ର, ହାସ୍ୟରସ ଏବଂ ସହାୟକ ଭୂମିକାରେ କାମ କରିଥିଲେ। ସେ ଶୋଲେରେ ଜେଲର ଭୂମିକା, ହିଟଲରଙ୍କ ବ୍ୟଙ୍ଗଚିତ୍ର ଏବଂ ଆମାଦବାଦ ନୋ ରିକ୍ସାଭାରୋ ପାଇଁ ଏବଂ ୧୯୭୨ ରୁ ୧୯୯୧ ମଧ୍ୟରେ ରାଜେଶ ଖାନ୍ନାଙ୍କ ସହିତ ୨୫ ଟି ଚଳଚ୍ଚିତ୍ରରେ ଅଭିନୟ ପାଇଁ ବିଶେଷ ଭାବରେ ଜଣାଶୁଣା। ହିନ୍ଦୀ ସିନେମାରେ, ସେ ୧୯୬୬ ରୁ ୨୦୧୪ ପର୍ଯ୍ୟନ୍ତ ଅନେକ ହାସ୍ୟ ଭୂମିକାରେ ଅଭିନୟ କରିଥିଲେ ଏବଂ ୧୯୭୨ ରୁ ୧୯୯୫ ମଧ୍ୟରେ ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତାଙ୍କ ଘନିଷ୍ଠ ବନ୍ଧୁ ଭାବରେ ଅଭିନୟ କରିଥିଲେ। ସେ ହୃଷୀକେଶ ମୁଖାର୍ଜୀ ଏବଂ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଚଲା ମୁରାରୀ ହିରୋ ବନ୍ନେ ଏବଂ ସଲାମ୍ ମେମସାବ ସମେତ କିଛି ହିନ୍ଦୀ ଚଳଚ୍ଚିତ୍ରରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଗୁଜରାଟୀ ଚଳଚ୍ଚିତ୍ରରେ ସେ ୧୯୭୨ ରୁ ୧୯୮୪ ପର୍ଯ୍ୟନ୍ତ ମୁଖ୍ୟ ନାୟକ ଭାବରେ ଅଭିନୟ କରିଥିଲେ ଏବଂ ୧୯୮୫ ରୁ ୨୦୧୨ ପର୍ଯ୍ୟନ୍ତ ଚରିତ୍ର ଭୂମିକାରେ ଅଭିନୟ କରିଥିଲେ। ୧୯୭୪ ରୁ ୧୯୯୭ ମଧ୍ୟରେ ସେ ଛଅଟି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଥିଲେ। ଶ୍ୱାସକ୍ରିୟା ସମସ୍ୟା ଯୋଗୁଁ ୧୬ ଅକ୍ଟୋବର ୨୦୨୫ରେ ମୁମ୍ବାଇର ଜୁହୁସ୍ଥିତ ଭାରତୀୟ ଆରୋଗ୍ୟ ନିଧି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ୨୦ ଅକ୍ଟୋବରରେ ୮୪ ବର୍ଷରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ମୃତ୍ୟୁରେ ପୁରା ଇଣ୍ଡଷ୍ଟ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କ ଭଳି ଅଭିନେତାଙ୍କୁ ହରାଇ ଥିବାରୁ ଦୁଃଖ ପ୍ରକାଶ କରିଥିଲା ।



## ସୁଲକ୍ଷଣା ପଣ୍ଡିତ

ଜଣେ ଭାରତୀୟ ପ୍ଲେବ୍ୟାକ୍ ଗାୟିକା ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ଭାବେ ତାଙ୍କର ରହିଥିଲା ଅନନ୍ୟ କ୍ଷ୍ୟାତି । ୧୯୭୦ ଏବଂ ୧୯୮୦ ଦଶକରେ ବଲିଉଡରେ ବେଶ୍ ପପୁଲାର ଥିଲେ ସୁଲକ୍ଷଣା ପଣ୍ଡିତ। ଅଭିନେତ୍ରୀ ଭାବରେ ସୁଲକ୍ଷଣାଙ୍କ କ୍ୟାରିୟର ୧୯୭୦ ଏବଂ ୧୯୮୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ବ୍ୟାପିଥିଲା। ଜଣେ ପ୍ରମୁଖ ଅଭିନେତ୍ରୀ ଭାବେ ସେ ୧୯୭୦ ଦଶକର ଅଧିକାଂଶ ଶ୍ରେଷ୍ଠ ଅଭିନେତାଙ୍କ ସହ କାମ କରିଥିଲେ । ତାଙ୍କୁ ଅନେକ ଅଭିନେତା ଯେପରିକି ଜିତେନ୍ଦ୍ର, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଏବଂ ଶତ୍ରୁଘ୍ନ ସିହ୍ନା। ତାଙ୍କର ଅଭିନୟ କ୍ୟାରିୟର ୧୯୭୫ ମସିହାରେ ସସ୍ପେନ୍ସ ଥ୍ରିଲର ଉଲଝାନ୍ ସହିତ ସଞ୍ଜୈସ୍ କୁମାରଙ୍କ ସହିତ ଆରମ୍ଭ ହୋଇଥିଲା। ତାଙ୍କର ଲୋକପ୍ରିୟ ଚଳଚ୍ଚିତ୍ରଗୁଡ଼ିକରେ ହେରା ଫେରି, ଅପନାପନ୍, ଚାନ୍ଦାନ୍, ଚେହେର୍ ପେ ଚେହରା, ଧରାମ କାନ୍ତା ଏବଂ ୱାକ୍ଟ କି ଦେୱାର ଅନ୍ତର୍ଭୁକ୍ତ | କେବଳ ହିନ୍ଦୀ ନୁହେଁ ବଙ୍ଗାଳୀ ଚଳଚ୍ଚିତ୍ର ବ୍ୟାଣ୍ଡୀରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା, ଯେଉଁଠାରେ ସେ ଉତ୍ତର କୁମାରଙ୍କ ବିପକ୍ଷରେ ଯୋଡି ହୋଇଥିଲେ | ଅଭିନୟ ସହିତ ଗାୟିକା ଭାବେ ମଧ୍ୟ ତାଙ୍କର ଅନେକ କ୍ରେଜ ଥିଲା | ସେ ଶିଶୁ ଗାୟକ ଭାବରେ ୧୯୬୭ମସିହାରେ ଚଳଚ୍ଚିତ୍ର ତାକଡିରେ ଲତା ମଙ୍ଗେଶକରଙ୍କ ସହ ଲୋକପ୍ରିୟ ଗୀତ "ସାଟ ସାମୁନ୍ଦର ପ୍ୟାର୍ ସେ"ରେ ଗାଇବା ଆରମ୍ଭ କରିଥିଲେ। ଏହା ପରେ ସେ କିଶୋର କୁମାର ଏବଂ ହେମନ୍ତ କୁମାରଙ୍କ ପରି ପ୍ରସିଦ୍ଧ ସଂଗୀତଜ୍ଞଙ୍କ ସହ ଗୀତ ରେକର୍ଡ କରିଛନ୍ତି। ସେ ହିନ୍ଦୀ, ବଙ୍ଗାଳୀ, ମରାଠୀ ଭଳି ଅନେକ ଭାଷାରେ ଗୀତ









ଗାଇଥିଲେ। ସେ ଶଙ୍କର ଜୟକିଶାନ, ଲକ୍ଷ୍ମୀକାନ୍ତ ପିଆରେଲାଲ, କଲ୍ୟାଣଜୀ ଆନନ୍ଦଜୀ, କାନୁ ରୟ, ବାପି ଲାହିରୀ, ଉଷା ଖାନ୍ନା, ରାଜେଶ ରୋଶନ, ଖୟାମ, ରାଜକମଲ ଏବଂ ଅନ୍ୟାନ୍ୟ ସଂଗୀତ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ ମଧ୍ୟ କାମ କରିଛନ୍ତି । ୧୯୮୬ରେ, ସୁଲକ୍ଷଣା ଲଣ୍ଡନର ରୟାଲ ଆଲବର୍ଟ ହଲରେ "ଇଣ୍ଡିଆନ୍ ମ୍ୟୁଜିକ୍ ଫେଷ୍ଟିଭାଲ୍" କନ୍ସର୍ଟ ରେ ସେ ଯୋଗଦେଇ ଖୁବ ଚର୍ଚ୍ଚାରେ ରହିଥିଲେ । ମଧ୍ୟପ୍ରଦେଶରେ ୧୯୫୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସୁଲକ୍ଷଣା । ସୁଲକ୍ଷଣା ହରିୟାଣା ରାଜ୍ୟର ହିସାର (ବର୍ତ୍ତମାନ ଫତେହାବାଦ) ଜିଲ୍ଲାର ପିଲିମାଣ୍ଡୋରି ଗ୍ରାମରୁ ଆସିଥିବା ଏକ ସଙ୍ଗୀତ ପରିବାରରୁ ଆସିଥିଲେ। ପ୍ରସିଦ୍ଧ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଏବଂ କିମ୍ବଦନ୍ତୀ ପଣ୍ଡିତ ଜସରାଜ ତାଙ୍କର ମାମୁଁ ଥିଲେ। ପୂର୍ବତନ ରାଜଗଡ଼ ସାଂସଦ ଏବଂ ଜନସଂଘ ନେତା ବସନ୍ତ କୁମାର ପଣ୍ଡିତ ମଧ୍ୟ ତାଙ୍କର ମାମୁଁ ଥିଲେ। ସେ ନଅ ବର୍ଷ ବୟସରେ ଗୀତ ଗାଇବା ଆରମ୍ଭ କରିଥିଲେ। ତାଙ୍କ ବଡ଼ ଭାଇ ମନ୍ଧୀର ପଣ୍ଡିତ (ଯିଏ ପୂର୍ବରୁ ୧୯୮୦ ଦଶକରେ ଜତିନ ପଣ୍ଡିତଙ୍କ ସହିତ ମନ୍ଧୀର-ଜତିନ ଯୋଡ଼ି ଭାବରେ ଜଣେ ସଙ୍ଗୀତ ସଂଗୀତକାର ଥିଲେ) ମୁମ୍ବାଇରେ ତାଙ୍କର ନିରନ୍ତର ସାଥୀ ଥିଲେ; ସେମାନେ ମଞ୍ଚରେ ପରିବେଷଣ କରିଥିଲେ ଏବଂ ଗୀତ ଗାଇଥିଲେ ଯେପର୍ଯ୍ୟନ୍ତ ସୁଲକ୍ଷଣା କିଶୋର କୁମାର ଏବଂ ମହମ୍ମଦ ରଫିଙ୍କ ଭଳି କିମ୍ବଦନ୍ତୀମାନଙ୍କ ସହିତ ସେମାନଙ୍କର ଅନେକ ଲାଇଭ୍ କନସର୍ଟ ମାଧ୍ୟମରେ ଜଣେ ପ୍ରମୁଖ ପ୍ଲେବ୍ୟାକ୍ ଗାୟିକା ହୋଇନଥିଲେ। ତାଙ୍କ ପିତା ପ୍ରତାପ ନାରାୟଣ ପଣ୍ଡିତ ଜଣେ ଦକ୍ଷ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଥିଲେ, ଯାହା ତାଙ୍କୁ ଗାୟିକା ହେବା ପାଇଁ ପ୍ରେରିତ କରିଥିଲା । ସୁଲକ୍ଷଣାଙ୍କ ମୃତ୍ୟୁ ୬ ନଭେମ୍ବର ୨୦୨୫ରେ ୭୧ ବର୍ଷ ବୟସରେ ହୃଦଘାତ କାରଣରୁ ହୋଇଥିଲା।

## ମନୋଜ କୁମାର

ଜଣେ ଭାରତୀୟ ଅଭିନେତା, ନିର୍ଦ୍ଦେଶକ, ଚିତ୍ରନାଟ୍ୟ ଲେଖକ, ଗୀତିକାର ଏବଂ ସମ୍ପାଦକ ଭାବେ ହିନ୍ଦୀ ସିନେମାରେ କାମ କରିଥିଲେ। ତାଙ୍କୁ ଭାରତୀୟ ସିନେମାର ଜଣେ ସର୍ବଶ୍ରେଷ୍ଠ ଏବଂ ସଫଳ ଅଭିନେତା ଭାବରେ ବିବେଚନା କରାଯାଇଥାଏ । ସେ ଦେଶପ୍ରେମ-ଭିତ୍ତିକ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ପାଇଁ ପ୍ରସିଦ୍ଧ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ କ୍ୟାରିୟରରେ, ସେ ୫୫ଟି ଚଳଚ୍ଚିତ୍ରରେ କାମ କରିଥିଲେ। କୁମାରଙ୍କୁ ଭାରତୀୟ ସିନେମା ଏବଂ କଳାରେ ତାଙ୍କ ଅବଦାନ ପାଇଁ ଭାରତ ସରକାର ୧୯୯୨ ମସିହାରେ ପଦ୍ମଶ୍ରୀ ଏବଂ ୨୦୧୫ ମସିହାରେ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରିଥିଲେ। ସେ ଗୋଟିଏ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ସାତଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ପାଇଥିଲେ। କୁମାର ଆଧୁନିକ ପାକିସ୍ତାନର ଆବୋଟାବାଦରେ ୨୪ ଜୁଲାଇ ୧୯୩୭ରେ ଜନ୍ମ ଗ୍ରହଣ କରିଥିଲେ । ଯେତେବେଳେ ସେ ୧୦ ବର୍ଷର ଥିଲେ, ତାଙ୍କ ପରିବାର ବିଭାଜନ ଯୋଗୁଁ ଦିଲ୍ଲୀ ଚାଲିଆସିଥିଲେ। ଅଭିନୟ କରିବା ପୂର୍ବରୁ ସେ ହିନ୍ଦୁ କଲେଜରୁ କଳା ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ୧୯୪୯ ମସିହାରେ ନିର୍ମିତ ଚଳଚ୍ଚିତ୍ର ଶବନମରେ ଦିଲୀପ କୁମାରଙ୍କ ନାମିତ ଚରିତ୍ରରୁ ପ୍ରେରଣା ପାଇ ନିଜ ନାମ ମନୋଜ କୁମାର ରଖିଥିଲେ । ତାଙ୍କୁ ଅନେକ ଚଳଚ୍ଚିତ୍ର ଯେପରି ମୈଦାନେ ଏ ଜଙ୍ଗ, କଲର୍କ, ଦେଶବାସୀ, ସନ୍ତୋଷ, କ୍ରାନ୍ତି, ଯାଟ ପଞ୍ଜାବୀ, କଳିଯୁଗ ଓ ରାମାୟଣ, ରୋଟି କପଡା ଔର ମକାନ, ବେଇମାନ, ଶୋର, ମେରା ନାମ ଜୋକର ଭଳି ସୁପରହିଟ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା । କେବଳ ଅଭିନେତା ନୁହେଁ ନିର୍ଦ୍ଦେଶକ ସହ କାହାଣୀ ଲେଖକ ଭାବେ ମଧ୍ୟ ତାଙ୍କର ବେଶ ପରିଚୟ ଥିଲା । ଅନେକ ଫିଲ୍ମର କାହାଣୀ ସେ ଲେଖିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ତାଙ୍କର ଅବଦାନ ପାଇଁ ୧୯୭୩ରେ ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ହୃତପିଣ୍ଡ ସମସ୍ୟା କାରଣରୁ ୨୦୨୫ ଏପ୍ରିଲ ୪ରେ ୮୭ ବର୍ଷରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତରେ ବଲିଉଡରେ ଏକ ଏଭଳି ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ଯାହା କେବେ ପୂରଣ ହୋଇ ପାରିବ ନାହିଁ ।

## ପଙ୍କଜ ଧୀର

ପଙ୍କଜ ଧୀର ଏଭଳି ଜଣେ ଭାରତୀୟ ଅଭିନେତା ଯିଏ ହିନ୍ଦୀ ଚଳଚ୍ଚିତ୍ର ସହିତ ଟେଲିଭିଜନରେ ମଧ୍ୟ ଏକ ସ୍ୱତନ୍ତ୍ର ଛବି ପ୍ରସ୍ତୁତ କରିଥିଲେ । ସେ ଟେଲିଭିଜନ ଧାରାବାହିକ ମହାଭାରତରେ କର୍ଣ୍ଣ ଭୂମିକା ଏବଂ ଚନ୍ଦ୍ରକାନ୍ତା, ଦି ଗ୍ରେଟ୍ ମରାଠା, ଯୁଗ ଏବଂ ବଢୋ ବହୁରେ କରିଥିବା ଚରିତ୍ର ପାଇଁ ବେଶ ଜଣାଶୁଣା ଥିଲେ। କେବେଳ ଟେଲିଭିଜନ ନୁହେଁ ତାଙ୍କୁ ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା । ତାଙ୍କର ଫିଲ୍ମ ସଡକ, ସୋଲଜର, ବାଦଶାହ ଏବଂ ତାରଜାନ: ଦି ୱାଣ୍ଡର କାର୍ ଆଦିରେ ଅଭିନୟ ପାଇଁ ଅନେକ ପ୍ରଶଂସା ମିଳିଥିଲା। ସେ ନିଜ କ୍ୟାରିୟର ୧୯୮୧ ମସିହାରେ ପୁନମ ଚଳଚ୍ଚିତ୍ରରୁ ଆରମ୍ଭ କରିଥିଲେ । ତାଙ୍କୁ ବି. ଆର. ଚୋପ୍ରାଙ୍କ ଟେଲିଭିଜନ ଧାରାବାହିକ ମହାଭାରତରେ କର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା, ଯାହା ତାଙ୍କୁ ଘରେ ଘରେ ପରିଚିତ କରାଇ ପାରିଥିଲା । ଏହି ଅଦ୍ଭୁତ କଳାକାରଙ୍କର ୬୮ ବର୍ଷ ବୟସରେ ୨୦୨୫ ଅକ୍ଟୋବର ୧୫ରେ ଦେହାନ୍ତ ହୋଇଥିଲା ।

## କାମିନୀ କୌଶଲ

କାମିନୀ କୌଶଲ ଜଣେ ଭାରତୀୟ ଅଭିନେତ୍ରୀ ଯିଏ ସାତ ଦଶନ୍ଧି ଧରି ହିନ୍ଦୀ ଚଳଚ୍ଚିତ୍ର ଏବଂ ଟେଲିଭିଜନରେ କାମ କରିଥିଲେ। ତାଙ୍କୁ ହିନ୍ଦୀ ସିନେମାର ସର୍ବୋତ୍ତମ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଏ।ଫିଲ୍ମ ନୀଚା ନଗର (୧୯୪୬), ଯାହା କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପାମ୍ ଡି'ଅର୍ ଜିତିଥିଲା ସେଥିରେ ଅଭିନୟ ପାଇଁ କାମିନୀଙ୍କୁ ଅନେକ ପ୍ରଶଂସା ମିଳିଥିଲା। ସେହିଭଳି ଆଉ ଏକ ଫିଲ୍ମ ହେଲା ବିରାଜ ବାହୁ (୧୯୫୪) ଯେଉଁଥିରେ ଅଭିନୟ ପାଇଁ ୧୯୫୬ରେ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। କୌଶଲ ୧୯୪୬ ରୁ ୧୯୬୩ ପର୍ଯ୍ୟନ୍ତ ଚଳଚ୍ଚିତ୍ରରେ ମୁଖ୍ୟ ନାୟିକା ଭାବରେ ଅଭିନୟ କରିଥିଲେ, ଯେଉଁଠାରେ ତାଙ୍କର ଭୂମିକା ଦୋ ଭାଇ (୧୯୪୭), ସହିଦ (୧୯୪୮) ଭଳି ଫିଲ୍ମ ରହିଛି । ସେ ବଲିଉଡର ଅନେକ ନାମୀ ହିରୋଙ୍କ ସହିତ ସ୍କ୍ରିନ ସେୟାର କରିଥିଲେ । ପରେ ତାଙ୍କୁ ଚେନ୍ନାଇ ଏକ୍ସପ୍ରେସ୍ (୨୦୧୩) ଏବଂ ରୋମାଣ୍ଟିକ ଡ୍ରାମା କବୀର ସିଂହ (୨୦୧୯) ରେ ଦର୍ଶକ ଦେଖିବାକୁ ପାଇଥିଲେ। ୨୦୨୨ ମସିହାରେ ଲାଲ୍ ସିଂହ ଚଡ୍ଢାରେ କ୍ୟାମିଓରେ ନଜର ଆସିଥିଲେ, ଯାହା ଥିଲା ତାଙ୍କ ଶେଷ ଅଭିନୟ।

କାମିନୀ କୌଶଲ ୨୪ ଫେବୃଆରୀ ୧୯୨୭ରେ ଲାହୋରରେ ଜନ୍ମଗ୍ରହଣ କରିଥିଲେ। ହେଲେ ୨୬ ନଭେମ୍ବର ୧୯୩୪ରେ ତାଙ୍କ ପିତାଙ୍କ ମୃତ୍ୟୁ ହେବା ସମୟରେ ସେ କେବଳ ସାତ ବର୍ଷ ବୟସର ଥିଲେ। ସେ ଲାହୋରର ସରକାରୀ କଲେଜରୁ ଇଂରାଜୀ ସାହିତ୍ୟରେ ବି.ଏ. (ସମ୍ମାନ) କରିଥିଲେ। ୧୯୪୬ରେ ଚେତନ ଆନନ୍ଦଙ୍କ ମାଧ୍ୟମରେ ତାଙ୍କୁ ନୀଚା ନଗର ସହିତ ଚଳଚ୍ଚିତ୍ରରେ ଅଭିନୟ କରିବାର ପ୍ରସ୍ତାବ ମିଳିଥିଲା। ୧୯୪୨ ରୁ ୧୯୪୫ ପର୍ଯ୍ୟନ୍ତ ତାଙ୍କ କଲେଜ ସମୟରେ ସେ ଷ୍ଟେଜ ଅଭିନେତ୍ରୀ ଭାବେ କାମ କରିଥିଲେ । ଏହି ମହାନ ଅଭିନେତ୍ରୀଙ୍କର ୨୦୨୫ ମସିହାରେ ୯୮ ବର୍ଷରେ ଦେହାନ୍ତ ହୋଇଥିଲା ।






ମୃଣାଳ
mrinalchatterjeeiimc@gmail.com

# ପ୍ରଶ୍ନର ଗୁରୁତ୍ୱ

ବିଚିତ୍ର କୁମାର ବିଶ୍ୱାଳ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଏ ପୋଷ୍ଟଟି ଲେଖିଥିଲେ: "ପୁଅ କହିଲା, 'ବାବା ରୋଲ ନୋ' କାହିଁକି ଲେଖାହୁଏ ? ମୁଁ କହିଲି, ଆରେ ସେ ରୋଲ୍ ନୋ ନୁହେଁ, ସେ ହେଉଛି ରୋଲ୍ ନମ୍ବର୍। ରୋଲ୍ ନମ୍ବରକୁ short form ରେ ସେମିତି ଲେଖା ଯାଉଛି। ସେ କହିଲା, ନମ୍ବରର ସ୍ପେଲିଂ ତ n u m b e r, ତାହେଲେ short formରେ N U କି N R ଲେଖା ନହୋଇ N O ଲେଖା ହେଉଛି କାହିଁକି? କିଛି ସମୟ ପାଇଁ ମୁଁ ସ୍ଥିର ହୋଇଗଲି। ମୁଁ ବି ଭାବିଲି ସତରେ ଏମିତି କାହିଁକି ଲେଖା ହେଉଛି ! ସେ ରୋଲ୍ ନମ୍ବର୍ ହେଉ କି ସିରିଏଲ୍ ନମ୍ବର୍ ସବୁଠି ତ ନମ୍ବର୍ N O ଲେଖା ହୁଏ। ମୁଁ ତ କେବେ ଏ ବିଷୟରେ ଚିନ୍ତା କରିନି। ହଠାତ୍ ତାକୁ କିଛି ଉତ୍ତର ଦେଲିନି। କାରଣ ମୋତେ ବି ଏ ବିଷୟରେ ଅଧିକ ଜାଣିବାର ଥିଲା। ସତରେ ପିଲାମାନେ କେତେ ମୌଳିକ ଜିନିଷକୁ ବି ପ୍ରଶ୍ନ କରିପାରନ୍ତି! ବାସ୍ତବରେ ଶିକ୍ଷା ବ୍ୟବସ୍ଥା ପିଲାଙ୍କୁ ପ୍ରଶ୍ନ କରିବା ଶିଖେଇବା ଉଚିତ୍। ତା'ହେଲେ ହିଁ ପିଲା ଅସଲ ଶିକ୍ଷା ପାଇପାରିବେ। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ଧର୍ମ ପିଲାମାନଙ୍କ ଭିତରେ ଜିଜ୍ଞାସା ଓ ପ୍ରଶ୍ନଶୀଳତା କମେଇ ତାଙ୍କୁ କେବଳ ସବୁ କିଛିକୁ ସ୍ୱୀକାର କରିବାକୁ କହୁଛି। ଏହା ପ୍ରଗତି ଓ ବିକାଶର ପରିପନ୍ଥୀ। ପ୍ରାକୃତିକ ଭାବେ ବି ପିଲାମାନେ ଅଧିକ ପ୍ରଶ୍ନ କରନ୍ତି। ତାଙ୍କ ମୁଣ୍ଡରେ ସବୁବେଳେ ପ୍ରଶ୍ନ ଥାଏ। କେବଳ ଆମେ ବଡ଼ମାନେ ନୀତି, ନିୟମ, ଧର୍ମ ଆଦି ନାମରେ ତାଙ୍କ ଭିତରର ପ୍ରଶ୍ନ ସବୁକୁ ଦବେଇ ଦେଉ। "ଇଂରାଜୀ Number ଶବ୍ଦ ଲାଟିନ numero ରୁ ଆସିଛି। ସେହି ହିସାବରେ numeroରୁ N ଓ O ନେଇ, number କୁ short formରେ N O ଲେଖାଯାଏ।" ବିଚିତ୍ର ବାବୁଙ୍କ କଥାରେ ମୁଁ ସମ୍ପୂର୍ଣ୍ଣ ଏକମତ। ଛବିଶ ବର୍ଷ ହେଲା ମୁଁ ଶିକ୍ଷକତା କରୁଛି। ଦାୟିତ୍ୱର ସହିତ କହିପାରେ: ପ୍ରଶ୍ନ ହେଉଛି ଶିକ୍ଷାର ଆତ୍ମା। ପ୍ରଶ୍ନର ଦୁଇଟି ଟ୍ରିଗର: ଜାଣିବାର କୌତୁହଳ ଏବଂ ଆବଶ୍ୟକତା। ମଣିଷ ଅନ୍ୟାନ୍ୟ ପଶୁଠାରୁ ଭିନ୍ନ ହୋଇଛି, ଅଧିକ ବୁଦ୍ଧିମାନ ହୋଇଛି - ତା'ର ଗୋଟିଏ ବଡ଼ କାରଣ ହେଉଛି ମଣିଷ ପ୍ରଶ୍ନ କରିଛି ଏବଂ ପ୍ରଶ୍ନର ଉତ୍ତର ଜାଣିବାର ପ୍ରୟାସ କରିଛି। ପ୍ରକୃତ ଶିକ୍ଷା ପ୍ରଶ୍ନ କରିବା ଶିଖାଏ ଆଉ ତା'ର ଉତ୍ତର ପାଇବାର ବାଟ ବତେଇ ଦିଏ।

# ଓଡ଼ିଶାର ଇତିହାସ




ଓଡ଼ିଶାର ପ୍ରଥମ ମୌଳିକ, ଶୁଦ୍ଧ ଓ ବିଜ୍ଞାନସମ୍ମତ ଇତିହାସ ଲେଖିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ। ୧୮୭୯ ମସିହାରେ ଏହା ଲେଖା ହୋଇଥିଲା, କିନ୍ତୁ ୧୯୨୫ରେ ପ୍ରକାଶ ପାଇଥିଲା। ଚଳିତବର୍ଷ ସେହି ପୁସ୍ତକର ଶତାବ୍ଦୀ ପୂରଣ। ଏହି ଅବସରରେ ତାହାର ଏକ ନୂଆ ସଂସ୍କରଣ ପ୍ରକାଶ ପାଉଛି। ଏହାକୁ ସମ୍ପାଦନା କରିଛନ୍ତି ବର୍ତ୍ତମାନ ସମୟର ଆଗଧାଡ଼ିର ଲେଖକ ଭାସ୍କର ପରିଚ୍ଛା। ପ୍ରକାଶ କରିଛନ୍ତି ପୂର୍ବୀ ପବ୍ଲିକେଶନ୍, ଭୁବନେଶ୍ୱର। ପ୍ରଚ୍ଛଦ ଅଙ୍କିଛନ୍ତି ଶଶିକାନ୍ତ ରାଉତ। ଡିସେମ୍ବର ମାସରେ ହେବାକୁ ଥିବା ଓଡ଼ିଶା ସରକାରଙ୍କ ପୁସ୍ତକ ମେଳାରେ ଏହାର ଉନ୍ମୋଚନ ହେବ।

# ସମସ୍ୟା

ମୋର ଗୋଟେ ବଡ଼ ସମସ୍ୟା ହୋଇଛି। ମୋର ଦେହଟା ମଧ୍ୟ ଷାଠିଏରେ ପହଞ୍ଚିଗଲାଣି, ଅର୍ଥାତ ବାର୍ଦ୍ଧକ୍ୟ ଆସିଗଲାଣି। କିନ୍ତୁ ମନର ବୟସଟା ଦିନକୁ ପଚିଶ ଥର ବଦଳି ଯାଉଛି। କେତେବେଳେ ଶିଶୁ ହୋଇଯାଉଛି, କେତେବେଳେ କିଶୋର। କେତେବେଳେ ତରୁଣ ହୋଇଯାଉଛି ତ କେତେବେଳେ ମଧ୍ୟବୟସ୍କ। କେତେବେଳେ ପୁଣି ସତୁରି ପାରେଇଯାଉଛି। ବୁଢାମାନଙ୍କ ସହିତ ଦେଶ ଦୁନିଆର କଥା ହେଉଛି, ହଠାତ ମନଟା ଦଶ ବର୍ଷର ବାଳୁତ ହୋଇଗଲା। ସେତେବେଳେ ମନେ ହେଲା - ଏ ବୁଢ଼ାଗୁଡିକ ଏତେ ସିନିକ କାହିଁକି? କାହିଁକି ଏମାନେ ସବୁବେଳେ ପୁରୁଣା କଥାକୁ ପାକୁଳି କରୁଛନ୍ତି ! ସେମିତି ଛୋଟ ପିଲାଙ୍କ ସହିତ କଥା ହେଉଛି, ମନଟା ହଠାତ ବୁଢା ମୋଡ୍‌କୁ ଚାଲିଗଲା। ମନେ ହେଲା : ଏ ମେଞ୍ଚଡ଼ଗୁଡ଼ାକ ଏତେ ସବଜାନ୍ତା ଭଳିଆ କ'ଣ କଥା ହେଉଛନ୍ତି ! ବଜାରକୁ ଗଲେ ମୋତେ ଗୁପଚୁପ ଖାଇବାକୁ ଇଛା ହେଉଛି, ବେଳେବେଳେ ରାତିରେ ଉଠି ଫ୍ରିଜ ଖୋଲି ମିଠା ଖାଇଦେଉଛି ଯେ ପରଦିନ ସକାଳେ ପତ୍ନୀ ପାଟି କରୁଛନ୍ତି - ଡାଇବେଟିସ ବଢ଼ିଲାଣି ବୋଲି ଇନସୁଲିନ ନେଉଛ - ପୁଣି ଲୁଚେଇକି ମିଠା ଖାଇଦେଉଛ ! ମୁଁ କ'ଣ କରିବି ମନର ବୟସ ଉପରେ ମୋର କଣ୍ଟ୍ରୋଲ ରହୁନି। ପତ୍ନୀ ଇତିମଧ୍ୟରେ ଫ୍ରିଜରେ ତାଲା ପକେଇଲେଣି।

# ଗୁରୁବାର ବଜାର



ନା ହେଲା କିଣା, ନା ହେଲା ବିକା, ଖୁସି ଭରପୁର। ପଚାରିଲି ଦୋକାନୀ ଭାଇ, ସବୁ ମିଳିବକି ମାଣବସା ଗୁରୁବାର ପାଇଁ। କହିଲା, ଆଜ୍ଞା ସବୁ ମିଳିବ, ଦୁବଠାରୁ ଗୋବର। କହିଲି ଭାଇ : ଯୋଉଟା ଦେଇ ପୁଜିଥିଲା ଶ୍ରୀୟା ଚାଣ୍ଡାଲୁଣୀ, କୋଉଠି ମିଳିବ ? ଦୋକାନୀ ଭାଇ ଜୋର ଦେଇ କହିଲେ.. ସବୁ ଅଛି, ଦେଖ, ବାଛ, ଆଉ କ'ଣ ଦରକାର କୁହ, ମଗେଇ ଦେବି। କଥା ନ ସାରିଲେ ବିଚରା ଚିଡ଼ିଯିବ। କହିଲି, ଭାଇ, ଠିକ ଅଛି। ଦେଲ ମୋତେ "ଭକ୍ତି " ଶହେ ଟଙ୍କାର। ବିକୁଛ କେମିତି, ଗୋଟା ନା ଓଜନରେ ।

(ସୌଜନ୍ୟ: ସମ୍ବିତ ଦାସ)

# ବୁକ-କାଫେ

ଭାରତ ସହ ସାରା ବିଶ୍ୱରେ ବହି ପଢା ଅଭ୍ୟାସ କମି ଯାଉଛି। ବହି ବିକ୍ରି କମି ଯାଉଛି। ପୁସ୍ତକ ପ୍ରକାଶନ ଶିଳ୍ପ ସଙ୍କଟରେ। ଏମିତି କଥା ଗତ କିଛି ବର୍ଷ ଧରି ବିଭିନ୍ନ ମଞ୍ଚରେ ଶୁଣିବାକୁ ମିଳୁଛି। ଆଖି ଆଗରେ ଦିଶୁଚି ବି। ବହୁ ସହରରେ ପୁରୁଣା ବହି ଦୋକାନ ବନ୍ଦ ହୋଇଯାଉଛି। ନୂଆ ବହି ଦୋକାନ ଖୋଲୁନି। ଏମିତି ଅବସ୍ଥାରେ ଗୋଟେ ଆଶାର କିରଣ ହେଉଛି - 'ବୁକ କ୍ୟାଫେ'। ବୁକ କ୍ୟାଫେ ହେଲା ଚା କଫି ସାଧାରଣ ସ୍ନାକ୍ସ ଦୋକାନ, ଯେଉଁଠି ବହି ଥିବ, ଜଣେ ପଢି ପାରିବ। ଭାରତର ବେଶ କିଛି ବଡ଼ ସହରରେ ଏମିତି ଛୋଟ ବଡ଼ ଅନେକ 'ବୁକ କ୍ୟାଫେ' ଖୋଲିଛି। ଭୁବନେଶ୍ୱରେ ଅଛି। ଏବେ ଜଗତସିଂହପୁରରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଖରେ ଗୋଟେ 'ବୁକ କ୍ୟାଫେ' ଖୋଲିଛି। ନାଁଟି ଭାରି ସୁନ୍ଦର: ଚ୍ୟାପ୍ଟର-୧। ସେଠି ଚା କଫି କେକ ପ୍ୟାଷ୍ଟ୍ରି ସହିତ ପଢିବା ପାଇଁ ବହି ବି ରହିଛି। ଗଳ୍ପ ଉପନ୍ୟାସ କଫି ଟେବୁଲ ବହି ସହିତ କମ୍ପିଟେଟିଭ ପରୀକ୍ଷା ପାଇଁ ଉପଯୋଗୀ ବହି ମଧ୍ୟ ରଖାଯାଇଛି। ଆପଣ ଯାଇ ପଢ଼ିପାରନ୍ତି।



# ଭାରତର ସୁଗନ୍ଧି ରାଜଧାନୀ କନୌଜ

ଉତ୍ତର ପ୍ରଦେଶରେ ଗଙ୍ଗା ତଟୀୟ ଏକ ପୁରାତନ ସହର ହେଉଛି କାନୌଜ। ଏହାକୁ ଭାରତର ସୁଗନ୍ଧି ରାଜଧାନୀ (ପରଫ୍ୟୁମ କ୍ୟାପିଟାଲ) ବୋଲି କୁହାଯାଏ । ଏଠାର ସୁଗନ୍ଧି ଶିଳ୍ପର ଇତିହାସ ପ୍ରାୟ ଦୁଇ ହଜାର ବର୍ଷ ପୁରୁଣା। ଗୁପ୍ତ ସାମ୍ରାଜ୍ୟ ((୩୨୦-୫୫୦ ଖ୍ରୀଷ୍ଟାବ୍ଦ) କାଳରୁ ଏଠାରେ ସୁଗନ୍ଧି ତିଆରି ହୋଇଆସୁଛି। ପରବର୍ତ୍ତୀ ସମୟରେ ସପ୍ତମ ଶତାବ୍ଦୀରେ ରାଜା ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ଏହାର ଆହୁରି ପ୍ରସାର ହେଲା। ମୋଗଲ ସାମ୍ରାଜ୍ୟ କାଳରେ ଏହା ଆନ୍ତର୍ଜାତିକ ପ୍ରସିଦ୍ଧି ଲାଭ କଲା। ଏଠାର 'ଅତର' ବୋଲି ପରିଚିତ ପ୍ରାକୃତିକ ସୁଗନ୍ଧିଗୁଡ଼ିକ ଫୁଲ, ହରିତପତ୍ର ଓ ବିଭିନ୍ନ ଔଷଧୀୟ ଉପାଦାନରୁ ପାରମ୍ପରିକ ଡିଷ୍ଟିଲେସନ ପ୍ରଣାଳୀରେ ସୁଗନ୍ଧି ତିଆରି ହୁଏ। କନୌଜରେ ଏ ପ୍ରଣାଳୀକୁ 'ଡେଗ - ଭାପକା' ବୋଲି କହନ୍ତି। କାନୌଜର ସୁଗନ୍ଧି 'ରୁହ ଖୁସ', 'ମୋଗରା', 'ଗୁଲାବ', ଓ 'ଚନ୍ଦନ' ସାରା ବିଶ୍ୱରେ ଖ୍ୟାତ। ଏଠାରେ 'ଭିଜା ମାଟିର ବାସ୍ନା' ସୁଗନ୍ଧି ମଧ ତିଆରି ହୁଏ। ଏଠାକାର ସୁଗନ୍ଧି କାରିଗରମାନେ ପିଢି ପରେ ପିଢି ଏହି ପାରମ୍ପରିକ ଶିଳ୍ପକୁ ଜୀବନ୍ତ ରଖିଛନ୍ତି। କାନୌଜ ଭାରତର ସୁଗନ୍ଧି ଓ ପାରମ୍ପରିକ ସୁଗନ୍ଧସଂସ୍କୃତିର ଜୀବନ୍ତ ପରିଚୟ। ୨୦୧୪ରେ କନୌଜର ସୁଗନ୍ଧି ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେସନ) ଟ୍ୟାଗ ପାଇଛି। ଭାରତରେ କନୌଜ ଛଡ଼ା ହାଇଦ୍ରାବାଦ, ମହୀଶୁର ଏବଂ ଉତ୍ତରାଖଣ୍ଡର କେତେକ ସ୍ଥାନରେ ପାରମ୍ପରିକ ସୁଗନ୍ଧି (ଅତର) ତିଆରି ହୁଏ।

# ଖୁବଶୀଘ୍ର ରିଲିଜ

ଫିଲ୍ମ ମେକର ଫରହାନ ଅଖତର ନିଜ ପ୍ରୋଜେକ୍ଟ ଡନ୍ ୩କୁ ନେଇ ଏକ ବଡ ଅପଡେଟ ଦେଇଛନ୍ତି ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆସନ୍ତା ବର୍ଷ ଅର୍ଥାତ ୨୦୨୬ରେ ଏହା ପରଦାକୁ ଆସିବ ବୋଲି ଫରହାନ ସୂଚନା ଦେଇଛନ୍ତି । ଯାହାପରେ ଫ୍ୟାନଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି । ପୂର୍ବରୁ ଫିଲ୍ମକୁ ନେଇ ଅନେକ କଳ୍ପନା ଜଳ୍ପନା ଲାଗି ରହିଥିଲା । ଫିଲ୍ମ ରିଲିଜ୍ ହେବା ନହେବା ନେଇ ଫ୍ୟାନମାନେ ସନ୍ଦେହରେ ଥିଲେ । ହେଲେ ବର୍ତ୍ତମାନ ଫରହାନଙ୍କର ଏହି ସୂଚନା ସେମାନଙ୍କର ଦ୍ୱନ୍ଦ୍ୱ ଦୂର କରିଛି । ସୂଚନା ଅନୁସାରେ ଏଥିରେ ମୁଖ୍ୟ ଭୂମିକାରେ ଦର୍ଶକ ରଣବୀର ସିଂଙ୍କୁ ଦେଖିବାକୁ ପାଇବେ । ପୂର୍ବରୁ ଏହି ଫ୍ରାଞ୍ଚାଇଜରେ ଦର୍ଶକ ଶାହରୁଖ ଖାନଙ୍କୁ ଦେଖିଛନ୍ତି । ରଣବୀରଙ୍କ ସ୍କ୍ରିନ ପ୍ରେଜେନ୍ସ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।





# ସେଲିନାଙ୍କ ଅଭିଯୋଗ

ସେଲିନା ଜେଟଲି ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି, କାରଣ ହେଉଛି ତାଙ୍କର ବ୍ୟକ୍ତିଗତ ଜୀବନ । ନିକଟରେ ସେ ନିଜ ସ୍ୱାମୀ ପିଟର ହାଗଙ୍କ ଉପରେ ଘରୋଇ ହିଂସାର ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ମାମଲା କୋର୍ଟରେ ପହଞ୍ଚିଛି । ସ୍ୱାମୀଙ୍କ କ୍ରୁରତା ଉପରେ ସେଲିନା ବର୍ତ୍ତମାନ ସମସ୍ତଙ୍କ ଆଗରେ କଥା ହେବା ଆରମ୍ଭ କରିଛନ୍ତି । ତେବେ ସେଲିନାଙ୍କ ଅଭିଯୋଗ ପରେ ଫ୍ୟାନମାନେ ତାଙ୍କ ପାଇଁ ଖୁବ ଚିନ୍ତିତ ହେଉଥିବା ଦେଖିବାକୁ ମିଳିଛି । ସେଲିନାଙ୍କ ସ୍ୱାମୀ ତାଙ୍କ ଉପରେ ଶାରିରୀକ ଅତ୍ୟାଚାର କରୁଥିବା ନେଇ ସେ କୋର୍ଟରେ ମତ ଦେଇଛନ୍ତି । ଛୁଆ ଜନ୍ମ ହେବାର କିଛି ଦିନ ପରେ ହିଁ ପିଟର ତାଙ୍କୁ ମାଡ ମାରିଥିବା ନେଇ ସେ ନିଜ ପିଟିସନରେ ଦର୍ଶାଇଛନ୍ତି । କେବଳ ଶାରିରୀକ ନୁହେଁ ମାନସିକ ସ୍ତରରେ ମଧ୍ୟ ସେ ସେଲିନାଙ୍କୁ ଅତ୍ୟାଚାରିତ କରୁଥିବା ନେଇ ସେଲିନା ଏହି ଅଭିଯୋଗରେ ଦର୍ଶାଇଛନ୍ତି । ଆଗକୁ ସେ ଏହି ମାମଲାରେ ନ୍ୟାୟ ଚାହୁଁଥିବା ନେଇ ଅନେକ ସ୍ଥାନରେ ମତ ଦେଇଛନ୍ତି । କିଛି ଦିନ ପୂର୍ବରୁ ସେ ନିଜ ଭାଇଙ୍କ ମଧ୍ୟ ଖୁବ ଚିନ୍ତାରେ ଥିଲେ ।



# ଐଶ୍ୱର୍ଯ୍ୟାଙ୍କ ଉତ୍ତର

ଅଭିନେତ୍ରୀ ଐଶ୍ୱର୍ଯ୍ୟା ଶର୍ମା ସ୍ୱାମୀ ନେଲି ଭଟ୍ଟଙ୍କ ସହିତ ବିବାହ ବିଚ୍ଛେଦକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ସୋସିଆଲ ମିଡିଆରେ କିଛି ଲୋକ ତାଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଥିବାବେଳେ କିଛି ଲୋକ ତାଙ୍କୁ ଟ୍ରୋଲ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ତେବେ ଟ୍ରୋଲରଙ୍କୁ ଜବାବ ଦେଇଛନ୍ତି ନିଜେ ଐଶ୍ୱର୍ଯ୍ୟା । ସବୁବେଳେ ସୋସିଆଲ ମିଡିଆରେ କିଛି ବି କହିବା ସହଜ ହୋଇଥାଏ । ତାଙ୍କୁ କେହି ବି ବ୍ୟକ୍ତିଗତ ଭାବେ ଜାଣି ନାହାନ୍ତି କିମ୍ବା ତାଙ୍କ ଜୀବନରେ କଣ ହେଉଛି ସେ ବିଷୟରେ ମଧ୍ୟ କେହି ଅବଗତ ନାହାନ୍ତି । ହେଲେ ସୋସିଆଲ ମିଡିଆରେ ସମସ୍ତେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କମେଣ୍ଟ କରିବାରେ ଲାଗିଛନ୍ତି । ଏପରିକି ତାଙ୍କୁ ଗାଳି ମଧ୍ୟ ଦେଉଛନ୍ତି। ସେହିଭଳି ଯେଉଁ ଲୋକମାନେ ତାଙ୍କୁ ବ୍ୟକ୍ତିଗତ ସ୍ତରରେ ଜାଣିଛନ୍ତି ସେମାନଙ୍କୁ ପଚାରିବାକୁ ସେ ଟ୍ରୋଲରଙ୍କୁ ପରାମର୍ଶ ଦେଇଛନ୍ତି । ସେ କେବେ ବି ସେଟରେ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ କାହା ସମ୍ପର୍କରେ କେବେ କିଛି ଚୁଗୁଲି କରିବା କିମ୍ବା କାହାକୁ ଦୁଃଖ ଦେବା ଭଳି କାମ କରି ନାହାନ୍ତି । ଲୋକମାନେ ତାଙ୍କୁ ନଜାଣି ଘରେ ବସି ଏଭଳି ଖରାପ ମନ୍ତବ୍ୟ ଦେଉଛନ୍ତି ଯାହା ତାଙ୍କୁ ବ୍ୟଥିତ କରିଛି ବୋଲି ଐଶ୍ୱର୍ଯ୍ୟା ମତ ଦେଇଛନ୍ତି ।



# ଖୁବ୍ ଶୀଘ୍ର ବିବାହ

ବିଗ୍ ବସ ବିଜେତା ତଥା ଟେଲି ଭିଜନର ପପୁଲାର ନାୟିକା ତେଜସ୍ୱୀ ପ୍ରକାଶ ଖୁବଶୀଘ୍ର ବିବାହ କରିବାକୁ ଯାଉଥିବାନେଇ ସୂଚନା ମିଳିଛି । ଅନେକ ବର୍ଷଧରି ସେ ଅଭିନେତା କରଣ କୁନ୍ଦ୍ରାଙ୍କ ସହିତ ପ୍ରେମ ସମ୍ପର୍କରେ ରହିଛନ୍ତି । ନିକଟରେ ଏକ ପୋଡକାଷ୍ଟରେ ତେଜସ୍ୱୀ ବିବାହକୁ ନେଇ ହିଣ୍ଟ ଦେଇଛନ୍ତି । ଯାହାପରେ ସୋସିଆଲ ମିଡିଆରେ ତାଙ୍କ ବିବାହକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ଫ୍ୟାନମାନେ ତାଙ୍କୁ ଓ କରଣଙ୍କୁ ଏକାଠି ଦେଖିବାକୁ ଉତ୍ସାହିତ ଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ସେହିଭଳି ଉଭୟ ତେଜସ୍ୱୀ ଓ କରଣଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳିଥାଏ । ଉଭୟଙ୍କ ସମ୍ପର୍କ ବିଗବସରେ ଆରମ୍ଭ ହୋଇଥିଲା ।



# ଫେରିବେ କି ଦୀପବୀର

ରଣବୀର କପୁର ଓ ଦୀପିକା ପାଦୁକୋନଙ୍କୁ ଅନେକ ହିଟ୍ ଫିଲ୍ମରେ ଦେଖିବାକୁ ମିଳିଛି । ଅନ୍ସ୍କ୍ରିନ ଏହି ଯୋଡିଙ୍କୁ ଦର୍ଶକ ଖୁବ ଭଲପାଇବା ଦେଇଥାଆନ୍ତି । ତେବେ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ହୋଇଥିବା ସମସ୍ୟା କାରଣରୁ ଉଭୟଙ୍କୁ ବିଗତ କିଛି ବର୍ଷ ହେବ କୌଣସି ପ୍ରୋଜେକ୍ଟରେ ଦେଖିବାକୁ ମିଳିନି । ହେଲେ ଦର୍ଶକ ଏହି ଯୋଡିଙ୍କୁ ଖୁବ ମିସ କରୁଛନ୍ତି, ଯାହାର ପ୍ରମାଣ ସୋସିଆଲ ମିଡିଆରେ ମିଳିଥାଏ । ଏ ସମ୍ପର୍କିତ ଅନେକ ଫଟୋ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲେ ଯେଉଁଥିରେ ଦୁଇଜଣଙ୍କୁ ଏକାଠି କାମ କରିବାକୁ ଫ୍ୟାନମାନେ ଅନୁରୋଧ କରିଥାଆନ୍ତି । ତେବେ ଏହିଭଳି ଏକ ପୋଷ୍ଟରେ ଦୀପିକା ନିକଟରେ ନିଜ ମନ୍ତବ୍ୟ ଦେଇଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ଦୀପିକା ସମ୍ପୃକ୍ତ ଭାଇରାଲ ପୋଷ୍ଟକୁ ଲାଇକ କରିଥିବାର ଦେଖିବାକୁ ମିଳିଛି ,ଯେଉଁଥିରେ ଜଣେ ଫ୍ୟାନ ରଣବୀର କପୁର ଓ ଦୀପିକାଙ୍କୁ ଏକାଠି କାଷ୍ଟ କରିବାକୁ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି । ତେଣୁ ବର୍ତ୍ତମାନ ଫ୍ୟାନ ଭାବୁଛନ୍ତି ଦୀପିକା ନିଜେ ମଧ୍ୟ ରଣବୀରଙ୍କ ସହିତ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।



# ରେଳଗାଡ଼ି

ଛୁକୁ ଛୁକୁ ଛୁକୁ ଛୁକୁରୁ ଛୁକୁ
ଥିରି ଚାଲି ଧୂଆଁ ଫୁଙ୍କୁଫୁଙ୍କୁ
ଚାଲୁନି ସେମିତି ରେଳ,
କୋଇଲା ଡିଜେଲ୍ ରୁଚେନା ଆଉ
ଗଲାଣି ସେବେଳ କାଳ ।।
ଏକାଳର ଗାଡ଼ି ସାଆଇଁସାଇଁ
ଏଇନେ ଏଇଠି ଏଇନେ ନାହିଁ
ପବନ ଗତିରେ ଧାଏଁ,
ଦି'ପାଖରେ ତା'ର ଦୁଇଟା ମୁଣ୍ଡ
ଏପାଖ ସେପାଖ ହୁଏ ।।
ସେକାଳ ଏକାଳ ସମାନ ନାହିଁ
ଗୋଟେ କଥା କିନ୍ତୁ ଏକାରେ ଭାଇ
ସାପ ପରି ଲମ୍ବା ଦେହ,
ସେଥିରେ ବସିକି ଯିବରେ କିଏ
ଜଲଦି ହାଜର ହୁଅ ।।
ଟିକେଟ କାଟିକି ରେଳକୁ ଚାଲ
ରେଳ ଗାଡ଼ି ଯିବ ହାୱଡ଼ା ପୋଲ
ଲିଭିଲାଣି ନାଲି ବତୀ,
ଏକାଳର ରେଳ ପବନ ପରିକା
ବଢ଼େଇ ଦେଲାଣି ଗତି ।।

**ରଶ୍ମି ରଞ୍ଜନ ସାହୁ**
କଳିଙ୍ଗ ବିହାର,
ସାକ୍ଷୀଗୋପାଳ, ପୁରୀ
ମୋ: ୮୨୪୯ ୯୧୦୧୩୮



# ଘରକୁ ସରଗ କରିବା

ଆମଘର ମୋର କେତେ ଯେ ନିଜର
ଯେଉଁଠି ଜନମ ମୋର ,
ଏଇଠି ଏନ୍ତୁଡି ଜଳିଥିଲା ମୋର
ହୋଇଥିଲା ଷଠିଘର ।।
ବାବା ଆମ ଦିଅଁ, ମାଆ ଠାକୁରାଣୀ
ଦେଇ ତାଙ୍କ ପାଦେ ଧ୍ୟାନ,
ଜୀବନର ଚଲାପଥେ ଚାଲିଥିବୁ
ସାର୍ଥକ ହେବ ଜୀବନ ।।
ଗୋଟିଏ ବୃନ୍ତରେ ଫୁଲପରି ଆମେ
ସଭିଏଁ ଭଉଣୀ ଭାଇ,
ଆମରି ଖୁସିରେ ପୂରିଉଠେ ଘର
କେବେ ରାଗ ରୁଷା ନାହିଁ ।।
ଘରକୁ ଆମର ସ୍ୱଚ୍ଛ ରଖିବା
ଆମେମାନେ ମିଳି ମିଶି,
ବାଡ଼ି ବଗିଚାରେ ଲଗାଇବା ଗଛ
ଦେଖିଲେ ଲାଗିବ ଖୁସି ।।
ଆପଣା ଭିତରେ ନ କରିବା କଳି
ହୋଇ ସବୁ ଏକମନ,
ଘରକୁ ଆମର ସରଗ କରିବା
ଏହି ଆମ ଦୃଢ଼ ପଣ ।।

**ହରେରାମ ପଣ୍ଡା**
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫



# ବାପା ମାଆ

ସରଗଠୁ ଭଲ ଆକଶଠୁ ବଡ଼
ଆମ ପାଇଁ ବାପା ମାଆ
ଡର ଭୟ ଦୁଃଖ ଦୂରେ ଚାଲିଯାଏ
ଶୁଣି ଦେଲେ ତାଙ୍କ ନାଆ ।।
ଘର ବଗିଚାରେ ମାଆ ଗଛ ହେଲେ
ବାପା ଯେ ତାହାର ମୂଳ
ପୁଅ ଝିଅ ଯେତେ ଗଛକୁ ସୁନ୍ଦର
ଗୋଟିଏ ଗୋଟିଏ ଫୁଲ ।।
ବାପା ଭରସାର ଅଥଳ ସାଗର
ମାଆ ମମତାର ନଈ
ସେନେହ ଆଦର ସଦା ଝରୁଥାଇ
ସୁଶୀତଳ ଜଳ ହୋଇ ।।
ଯେତେ ପଢିଲେ ବି ମନ ବୁଝେନାହିଁ
ମାଆ ଆମ ଗପ ବହି
ସରେନାହିଁ ଜମା ଯେତେ ଲେଖୁଥିଲେ
ବାପା କଲମର ସାହି ।।
ମାଆ ଖଟୁଥାଇ ଶୀତ ତାତି ସହି
ମୁଠାଏ ଆହାର ପାଇଁ
ବାପା ଚାଲୁଥାନ୍ତି ବାଟ ରହି ରହି
ସଂସାର ଜଞ୍ଜାଳ ବୋହି ।।
ବାପା ମାଆ ଆମ ଚଳନ୍ତି ଠାକୁର
ସାକ୍ଷାତେ ପରମେଶ୍ୱର
ଭକ୍ତିଭରେ ତାଙ୍କ ପାଦ ଯୁଗଳରେ
କୋଟି କୋଟି ନମସ୍କାର ।।

**ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

# କୋଳରେ ମୋତେ ଧରେ

ଗୋଟିଏ ରୁଟି ଖାଉଥିଲେ ମୁଁ
ବୋଉ ଦୁଇଟା ଦିଏ
ସବୁବେଳେ ସେ ମୋ ମନ ବୁଝି
ଦୁଃଖ ମୋ ହରି ନିଏ ।
ତା'ଛାତି ତଳେ କୋହକୁ ଚାପି
ମୋ ପାଇଁ ସେତ ହସେ
ଡାକିଦେଲେ ମୁଁ ଦଉଡ଼ି ଆସି
ପାଖରେ ମୋର ବସେ ।
ଅଭାବ ବେଳେ ଲୁହକୁ ପୋଛି
ମନକୁ ଦୃଢ଼ କରେ
ଝୁଣ୍ଟି ପଡ଼ିଲେ ପହଞ୍ଚି ଯାଇ
କୋଳରେ ମୋତେ ଧରେ ।
ବାପାଙ୍କ ଗାଳି ମାଡ଼ରୁ ମୋତେ
ରକ୍ଷା କରଇ ସିଏ
ସବୁ ସଂକଟୁ ବଞ୍ଚାଇବାକୁ
କାନି ଘୋଡ଼ାଇ ଦିଏ ।

**ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭



# କି ସୁନ୍ଦର ଆହା...

ସୂରୁଜ ଢାଳେ ଅଂଶୁ ହରଷେ
ରାତିରେ ଜହ୍ନ ଜ୍ୟୋସ୍ନା ପରଶେ
ବୃକ୍ଷ ରେ ହସଇ ଫୁଲ
ପାଦ ଥାପି ଥାପି ଝରଣା ଡିଏଁ
ପାହାଡି ଲଳନା ତୁଲ ।।
ସାଗର ବୁକୁରେ ନାଚେ ଲହରୀ
ପବନ ବୁହାଏ ବାଦଲ ତରୀ
ଛିଟ ରଙ୍ଗୀ ପ୍ରଜାପତି
ଉଡିବୁଲେ ବଗିଚାରେ ଡେଣା ଝାଡ଼ି
ଆହାଃ କି ସୁନ୍ଦର କାନ୍ତି ।।
ମହୁମାଛି ଚୁମେ ଫୁଲରୁ ମଧୁ
ଅସୀମ ନୀଳାଭ ଆକାଶ ସିନ୍ଧୁ
ବଉଳର ମିଠା ବାସ
ଛମ ଛମ ଛମ ବରଷା ଗୀତି
ଫୁଟାଏ ମାଟିରେ ହସ ।।
କୁହୁ କୁହୁ କୁହୁ କୋଇଲି ଗାଏ
କୁଳୁ କୁଳୁ ନାଦେ ନଦୀଟି ଧାଏଁ
ପାଣିରେ ଖେଳଇ ମୀନ
ଗୁଣୁ ଗୁଣୁ ଗୁଣୁ ଭ୍ରମର ଗୀତ
ଛୁଅଇଁ ପ୍ରତି ପରାଣ ।।
ହସି ଖେଳି ନାଚି ଦୁନିଆ ବୁକେ
ଶିଶୁଟିଏ ସ୍ୱପ୍ନ କେତେ ଯେ ଆଙ୍କେ
ଛଳ ଛଳ ହସ ତା'ର
କି ସୁନ୍ଦର ଆହା କି ଆନନ୍ଦମୟ
ସତେ ଆମ ଏ ସଂସାର ।।

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨



# ବିବାହର ରଙ୍ଗ

**ଆରମ୍ଭ ହୋଇଛି ବିବାହ ଋତୁ । ଯୁବତୀମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ସମୟରେ ସବୁଠାରୁ ଦ୍ୱନ୍ଦ୍ୱ ଉପୁଜିଥାଏ ଲେହେଙ୍ଗା କିମ୍ବା ଶାଢୀର ରଙ୍ଗ ଚୟନ କରିବା ସମୟରେ । ଆସନ୍ତୁ ସେହିଭଳି କିଛି ରଙ୍ଗ ସମ୍ପର୍କରେ ଜାଣିବା ଯାହା ଆଜିକାଲି ଟ୍ରେଣ୍ଡରେ ରହୁଛି ।**







## ● ନୀଳ ଓ ସୁନେଲି

ବିବାହ ହେଉ କି ରିସେପସନ୍ ଏଥିପାଇଁ ନୀଳ ଓ ସୁନେଲି ରଙ୍ଗ ଭଲ ବିକଳ୍ପ । ଏହି ଦୁଇଟି ରଙ୍ଗ ଆଉଟ ଡୋର ଇଭେଣ୍ଟ ପାଇଁ ଉପଯୁକ୍ତ ହୋଇଥାଏ । ଏହି କଲର କମ୍ବିନେସନ ଆପଣଙ୍କୁ ଏକ ଷ୍ଟାଇଲିଷ୍ଟ ଲୁକ ପ୍ରଦାନ କରିବ । ସେହିଭଳି ଆପଣ ଚାହିଁଲେ ଏହାକୁ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକର ଟଚ୍ ବି ଦେଇ ପାରିବେ । କିଛି ସେଲିବ୍ରିଟି ଏହି ଥିମକୁ ନିଜ ବାହାଘରରେ ପିନ୍ଧିଥିବାର ଦେଖିବାକୁ ମିଳିଥାଏ ।

## ● ବ୍ଲସ ପିଙ୍କ ଓ ପାଉଡର

ଯଦି ଆପଣଙ୍କର ହାଲୁକା ରଙ୍ଗ ପସନ୍ଦ ତେବେ ବ୍ଲସ ପିଙ୍କ ଓ ପାଉଡର ରଙ୍ଗ ଏକ ଭଲ ଚଏସ । ଏହା ଦିନରେ ହେଉଥିବା ବିବାହ ପାଇଁ ଫରଫେକ୍ଟ ହୋଇଥାଏ । ଏହି ରଙ୍ଗ ଚୟନ କରିବା ସମୟରେ ନିଜ ଡେକୋରେସନରେ ଗ୍ରୀନ ରଙ୍ଗ ରଖନ୍ତୁ ଏହା ଖୁବ ସୁନ୍ଦର ପେୟାର ହେବ । ଏଥିସହିତ ଗ୍ରୀନ ରଙ୍ଗର ଜୁଏଲାରୀ ପିନ୍ଧନ୍ତୁ ଖୁବ ମାନିବ ।

## ● ଲାଲ

ଲାଲ ରଙ୍ଗ ସବୁବେଳେ ଫ୍ୟାଶନରେ ରହିଥାଏ । ଅନେକ ଦିନରୁ ବିବାହରେ ଲାଲ ରଙ୍ଗ ଫ୍ୟାଶନରେ ରହିଛି, କାରଣ ଏହା ଆମ ପରମ୍ପରାକୁ ରିପ୍ରେଜେଣ୍ଟ କରିଥାଏ । ଲାଲ ରଙ୍ଗ ଶୁଭ ହୋଇଥାଏ ତେଣୁ ଏହାକୁ ବିବାହରେ ପ୍ରଥମେ ପସନ୍ଦ କରାଯାଇଥାଏ । ଲାଲ ରଙ୍ଗର ଶାଢି କିମ୍ବା ଲେହେଙ୍ଗା ସହିତ କଣ୍ଟ୍ରାକ୍ସଷ୍ଟ ରଙ୍ଗର ଜୁଏଲାରୀ ପିନ୍ଧନ୍ତୁ ଖୁବ ମାନିବ । ଏକ ଭିନ୍ନ ଲୁକ କ୍ରିଏଟ ହେବ ।

## ● ପିଙ୍କ ଓ ଗୋଲ୍ଡ

ଗୋଲ୍ଡ ସେଡ୍ ସବୁ ରଙ୍ଗ ସହିତ ମ୍ୟାଚ କରିଥାଏ । ପିଙ୍କ କଲର ଖୁସିର ରଙ୍ଗ ହୋଇଥିବାବେଳେ ଗୋଲ୍ଡ ସାଇନ୍କୁ ରିପ୍ରେଜେଣ୍ଟ କରିଥାଏ । ଏହି ଦୁଇ ରଙ୍ଗ ମିଶି ଖୁବ ସୁନ୍ଦର କମ୍ବିନେସନ ତିଆରି କରନ୍ତି । ଏହି କମ୍ବିନେସନର ଡ୍ରେସ ପିନ୍ଧୁଥିବାବେଳେ ନିଜ ବିବାହର ଡେକୋରରେ ଅଧିକ ପରିମାଣର ଫୁଲ ବ୍ୟବହାର କରନ୍ତୁ । ଫୁଲ ଏହି ରଙ୍ଗ ପାଇଁ ସବୁଠାରୁ ଭଲ ଅପସନ ହୋଇଥାଏ, ଯାହା ଏହାକୁ କମ୍ପ୍ଲିଟ କରିଥାଏ ।



# ଚା

**ଭାରତର ଜାତୀୟ ପାନୀୟ କହିଲେ ଚା'କୁ ହିଁ ବୁଝାଇଥାଏ ବାହାଘର ହେଉ କି ଜନ୍ମଦିନ ସବୁସ୍ଥାନରେ ଏହାର ଚାହିଦା ଥାଏ । କେହି ବନ୍ଧୁ ଆସି ପହଞ୍ଚିବା ସମୟ ହେଉ କି ଯିବା ସମୟ ସବୁବେଳେ ସମସ୍ତଙ୍କୁ ଯଚା ଯାଇଥାଏ ଚା' ।ସେହିଭଳି ଶୀତଦିନ ଆସିଲେ ଏହାର ଚାହିଦା ବେଶି ବଢିଯାଇଥାଏ ।**

ଭାରତୀୟ ବଜାରରେ ବିଭିନ୍ନ କିସମର ଚା' ମିଳିଥାଏ ନାଲି ଚା', ଖୀର ଚା', ହର୍ବାଲ ଟି, ଲେମନ ଟି, ଗ୍ରୀନ ଟି ଆଦି ଅନେକ ଚା' ରହିଛି । ହେଲେ ଫୁଲକୁ ବି ଚା'ରେ ବ୍ୟବହାର କରିହେବ ତାହା ଶୁଣିଲେ ଟିକେ ଅଜବ ଲାଗେ । ତେବେ ଏଭଳି ମଧ୍ୟ କେତେକ ଚା' ରହିଛି ଯାହାକୁ ଫୁଲ ବ୍ୟବହାର କରି ପ୍ରସ୍ତୁତ କରାଯାଇଥାଏ ।

## ଚାମୋମିଲେ ଟି

ଏହି ଚା'କୁ ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ଧରଣର ଫୁଲକୁ ବ୍ୟବହାର କରାଯାଇଥାଏ ।ଏହାର ସ୍ୱାଦ ମିଠା ଓ ସେଓ ଫ୍ଲେବରର ହୋଇଥାଏ । ଏହି ଚା'କୁ ସମସ୍ତ ବର୍ଗର ଲୋକ ପିଇବାକୁ ପସନ୍ଦ କରିଥାଆନ୍ତି ।ସେହିଭଳି ଏହା ମନକୁ ଶାନ୍ତି ଦେଇ ଚାପ ମୁକ୍ତ କରାଇଥାଏ ।

## ଲାଭେଣ୍ଡର ଟି

ଏହି ଫୁଲର କିଛି ଶୁଖିଲା ପାଖୁଡାରେ ଭରି ରହିଥାଏ ସ୍ୱାସ୍ଥ୍ୟପୋଯୋଗୀ ଗୁଣ ।ଅଧାଚାମଚ ଶୁଖିଲା ଲାଭେଣ୍ଡରର ଗୁଣ୍ଡ ଶରୀର ପାଇଁ ଉପକାରୀ ।ଏହା ଆଙ୍ଗଜାଇଟ୍ ସହ ମାନସିକ ଚାପରୁ ମୁକ୍ତି ଦେଇଥାଏ । ଏହି ଚା' କେଶ ଝଡିବାକୁ ମଧ୍ୟ ରୋକିଥାଏ ।

## ବୋରେଜ୍ ଟି

ଏହି ନିଆରା ଚା' ନିଜର ରଙ୍ଗ ପାଇଁ ବେଶ୍ ପରିଚିତ ।ଏହାର ଗାଢ ନୀଳ ରଙ୍ଗ ସମସ୍ତଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଥାଏ ।ଏହି ଚା'ର ଅନେକ ଔଷଧୀୟ ଗୁଣ ରହିଛି , ତେଣୁ ଏହାକୁ ପିଇବାର ଅନେକ ଫାଇଦା ରହିଛି ।

## ରୋଜ୍ ଟି

ଏହି ଚା ବିଭିନ୍ନ ପ୍ରକାର ରଙ୍ଗରେ ମିଳିଥାଏ, ଏହାକୁ ଚା'ପତି ସହ ମିଶାଯାଇ ଅଲଗା ସ୍ୱାଦରେ ପ୍ରସ୍ତୁତ କରାଯାଇଥାଏ ।ତେବେ ଏହାର ମାତ୍ରାକୁ ଧ୍ୟାନର ସହ ମିଶାଯାଏ କାରଣ ଏହାର ମାତ୍ରାଧିକ ବ୍ୟବହାର ସୁରକ୍ଷିତ ନୁହେଁ ।ଏହା ରକ୍ତ ସଞ୍ଚାଳନରେ ସହାୟକ ହୋଇଥାଏ ।

## ହିବିସ୍କସ୍ ଟି

ଏହାର ଟ୍ୟାଙ୍ଗି ସ୍ୱାଦ ଏହାକୁ ନିଆରା କରିଥାଏ । ଚା'ର ସ୍ୱାଦ ଥଣ୍ଡା ଓ ଗରମରେ ନିଆରା ଥାଏ । ଏହାର ରଙ୍ଗ ଗାଢ ନାଲି ହେବା ସହ ଏଥିରେ ବିଭିନ୍ନ ପ୍ରକାରର ଚେରମୂଳି ସାମିଲ ଥାଏ । ଏଥିରେ ଭିଟାମିନ୍ ସି ରହିଥାଏ, ଯାହା ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ।

## ଜାସ୍ମିନ୍ ଟି

ଜାସ୍ମିନ୍ ଗ୍ରୀନ ଟିରେ ବ୍ୟବହାର ନେଇ ବେଶ୍ ପରିଚିତ । ଏହି ଫୁଲର ବ୍ୟବହାର କରି ଯେ କେବଳ ସୁସ୍ୱାଦୁ ଚା' ପ୍ରସ୍ତୁତ ହୋଇଥାଏ, ତାହା ନୁହେଁ ଏହା ବେଶ୍ ସ୍ୱାସ୍ଥ୍ୟକର ମଧ୍ୟ ମାନସିକ ଚାପ ମୁକ୍ତ କରିବାସହ ରକ୍ତଚାପ ନିୟନ୍ତ୍ରଣରେ ମଧ୍ୟ ଏହା ସହାୟ ହୋଇଥାଏ ।







# କଇଁଛ ଓ ଠେକୁଆ

ଏହି କାହାଣୀ ତାଲିକା ଖୁବ ଲମ୍ବା, ଏଥିରେ ଅନେକ ଗଳ୍ପ ସାମିଲ ଅଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଲା କଇଁଛ ଠେକୁଆ ଗଳ୍ପ । ଏହା ଏପରି ଏକ ଗଳ୍ପ ଯେଉଁଥିରେ ଧୀରପାଣି ପଥର କାଟେର ନୀତିଶିକ୍ଷା ମିଳିଥାଏ । କିଭଳି ଧୀରସୁସ୍ଥେ ଆମ ଯେଉଁ କାର୍ଯ୍ୟ କରିବା ସେଥିରେ ସଫଳତା ନିଶ୍ଚିତ ମିଳିବ ସେହି ଶିକ୍ଷା ଦିଆଯାଇଥାଏ । କିଭଳି ଜୀବନରେ ସଫଳତା ପାଇବାକୁ ହେଲେ ଆମକୁ ପରିଶ୍ରମ ଲଗାତାର କରିବାକୁ ହେବ ତାହା ଏହି ଗଳ୍ପ ମାଧ୍ୟମରେ ଆମକୁ ପିଲାଦିନୁ ଶିକ୍ଷା ମିଳିଥାଏ । ତେବେ ଆସନ୍ତୁ ଜାଣିବା ଗଳ୍ପର ମୂଳ ବିଷୟ ବସ୍ତୁ । ଏକଦା ଗୋଟିଏ ଜଙ୍ଗଲରେ ଠେକୁଆ ଓ କଇଁଛ ବାସ କରୁଥିଲେ । ଉଭୟ ନିଜ ନିଜ ଜୀବନରେ ଖୁସିରେ ଥାଆନ୍ତି । ଠେକୁଆ ଖୁବ ଜୋରରେ ଦୌଡି ପାରୁଥିବାରୁ ତାର ଭାରି ଗର୍ବ ଥାଏ । ସେ ସବୁବେଳେ କଇଁଛର ମଜାକ ଉଡାଉଥାଏ । ଦିନେ ଠେକୁଆ କହିଲା କଇଁଛ ଭାଇ ମୁଁ ତୁମ ସହିତ ଦୌଡ ପ୍ରତିଯୋଗିତା କରିବାକୁ ଚାହୁଁଛି, ଯଦି ତୁମେ ଜିତିବ ତେବେ ମୁଁ ଆଉ ତୁମକୁ କେବେ ବି ହଇରାଣ କରିବି ନାହିଁ । ଏହାପରେ କଇଁଛ ରାଜି ହୋଇଗଲା ଦୌଡ ପାଇଁ । ଠେକୁଆ ଖୁବ ଖୁସିଥିଲା କାରଣ ସେ ଜାଣିଥିଲା ସେ କଇଁଛକୁ ସଙ୍ଗେସଙ୍ଗେ

> **ଆଇମା କାହାଣୀ ପେଡିର ପ୍ରତିଟି ଗପରେ ଜୀବନର ମୂଲ୍ୟବୋଧ ଭରିରହିଛି । ଯାହା ନୀତିଶିକ୍ଷା ସହିତ ମନୋରଞ୍ଜନ ମଧ୍ୟ କରାଇଥାଏ ।**



ହରାଇଦେବ । ଏହାପରେ ଉଭୟଙ୍କର ଦୌଡ ଦେଖିବାକୁ ଜଙ୍ଗଲର ଅନେକ ପଶୁ ଏକାଠି ହେଲେ, ଦୌଡ ଆରମ୍ଭ ହେଲା । ଦୌଡ ଆରମ୍ଭରୁ ଠେକୁଆ ଖୁବ ଜୋରରେ ଦୌଡି ଅଧିକ ଆଗକୁ ଚାଲିଗଲା । କଇଁଛ ଧୀରେଧୀରେ ବାଟ ଚାଲୁଥାଏ । କିଛି ବାଟ ଯିବା ପରେ ଠେକୁଆ ଦେଖିଲା କଇଁଛ ଅନେକ ପଛରେ ପଡିଯାଇଛି, ତେଣୁ ସେ ଭାବିଲା କିଛି ସମୟ ବିଶ୍ରାମ ନେଇଯିବ । ଯାହା ପରେ ଉଠି ପୁଣି ଦୌଡିବା ଆରମ୍ଭ କରିବ । ଏହିପରି ଭାବି ସେ କିଛି ସମୟ ବିଶ୍ରାମ ନେଇଗଲା । ହେଲେ ଏହାରି ଭିତରେ ତାକୁ ନିଦ ଲାଗିଗଲା । କିନ୍ତୁ ଏପଟେ କଇଁଛ ଧୀରେଧୀରେ ଚାଲୁଥିବାରୁ ତାକୁ ଥକ୍କା ଲାଗିଲା ନାହିଁ କି ସେ ଅଧା କାର୍ଯ୍ୟରେ ବିଶ୍ରାମ ନେବା କଥା ଭାବିଲା ନାହିଁ । ସେ ଧୀରେଧୀରେ ଚାଲିଚାଲି ଠେକୁଆକୁ ଅତିକ୍ରମ କରି ଆଗକୁ ଚାଲିଗଲା । ଠେକୁଆର ନିଦ ଭାଙ୍ଗିଲା ବେଳକୁ କଇଁଛ ପ୍ରତିଯୋଗିତା ଜିତି ସାରିଲାଣି । ଏହିପରି ଭାବେ ଠେକୁଆ ନିଜ ଗର୍ବ କାରଣରୁ କଇଁଛଠାରୁ ହାରି ଗଲା, ହେଲେ କଇଁଛ ନିଜର ଲଗାତାର ପରିଶ୍ରମ କାରଣରୁ ଠେକୁଆକୁ ହରାଇବାରେ ସମର୍ଥ ହୋଇପାରିଲା । ତେଣୁ କଥାରେ କୁହାଯାଇଛି ଧୀର ପାଣି ପଥର କାଟେ ।



# ଗମ୍ଭୀର ଯୁଗରେ ଦୟନୀୟ ସ୍ଥିତି

୨୦୨୪ରେ ନ୍ୟୁଜିଲାଣ୍ଡ । ଆଉ ୨୦୨୫ରେ ଭାରତକୁ ଭାରତ ମାଟିରେ ହ୍ୱାଇଟ୍ ୱାଶ କରିଛି ଦକ୍ଷିଣ ଆଫ୍ରିକା । ଗୌହାଟୀ ଟେଷ୍ଟକୁ ଭ୍ରମଣକାରୀ ଦଳ ୪୦୮ ରନରେ ଜିତି ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୦ରେ ଜିତି ନେଇଛି । ରନ ଦୃଷ୍ଟିରୁ ଏହା ଭାରତର ସବୁଠୁ ବଡ଼ ପରାଜୟ । ଦୀର୍ଘ ୨୫ ବର୍ଷ ପରେ ଭାରତରେ ଟେଷ୍ଟ ସିରିଜ୍ ଜିତିବାରେ ସଫଳ ହୋଇଛି ଦକ୍ଷିଣ ଆଫ୍ରିକା । ଏହା ପୂର୍ବରୁ ଗତ ବର୍ଷ ତିନି ମ୍ୟାଚର ଟେଷ୍ଟ ସିରିଜରେ ଭାରତକୁ ୩-୦ରେ ହରାଇ ଇତିହାସ ରଚିଥିଲା ନ୍ୟୁଜିଲାଣ୍ଡ । ଏହିପରି ଘରୋଇ ମାଟିରେ ଗତ ୭ଟି ଟେଷ୍ଟରୁ ୫ଟିରେ ହାରିଛି ଭାରତ । ନିଜର ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତୀୟ ଦଳ ଘରୋଇ ମାଟିରେ ଏମିତି ଦଶା କେବେ ଭୋଗି ନ ଥିଲା । ଆଉ ଏମିତି ଦୁର୍ଦ୍ଦିନ ସ୍ଥିତି ଦେଖିବାକୁ ମିଳିଛି ଗୌତମ ଗମ୍ଭୀରଙ୍କ କୋଚିଂରେ । ଏମିତିରେ ଗୌତମ ଗମ୍ଭୀର କୋଚ୍ ହେବା ପରେ ଟିମ୍ ଇଣ୍ଡିଆର ଟେଷ୍ଟ ରେକର୍ଡ ଚିନ୍ତାଜନକ ରହିଛି । ପ୍ରଥମେ ନ୍ୟୁଜିଲାଣ୍ଡ ଆସି ଆମକୁ ଘରେ ହ୍ୱାଇଟ୍ ୱାଶ କରି କି ଚାଲିଗଲା । ଏବେ ଦକ୍ଷିଣ ଆଫ୍ରିକା ୨୫ ବର୍ଷ ପରେ ଆମକୁ ହରାଇ ଟେଷ୍ଟ ସିରିଜ୍ ଜିତିଲା । ଏହି ପରାଜୟ ପରେ ଗମ୍ଭୀରଙ୍କ କୋଚିଂ ଶୈଳୀକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି । ଯେବେଠୁ ସେ ହେଡ୍ କୋଚ୍ ହୋଇଛନ୍ତି, ସେବେଠୁ ଭାରତର ଟେଷ୍ଟ ପ୍ରଦର୍ଶନ ଖରାପ ହୋଇ ଚାଲିଛି । ମୋଟାମୋଟି ଭାବେ ଟେଷ୍ଟ କ୍ରିକେଟରେ ଭାରତ କେବେ ବି ଏମିତି ଦଶା ଦେଖି ନ ଥିଲା ।

ପ୍ରଥମ ଥର ଭାରତ ଘରୋଇ ମାଟିରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ କ୍ଲିନ ସୁଇପର ଶିକାର ହୋଇଥିଲା । ୨୦୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭାରତକୁ ଏହି ଦିନ ଦେଖିବାକୁ ପଡ଼ିଥିଲା । ପୁଣି ୨୦୧୫ ପରେ ଭାରତ ପ୍ରଥମ ଥର ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ହରାଇଲା । ଏହା ପରେ ଟିମ୍ ଇଣ୍ଡିଆ ନିଜ ଘରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ୍ ହାରିଛି । କାହଣୀ ଏତିକିରେ ସୀମିତ ନୁହେଁ, ଭାରତର ଗମ୍ଭୀର ଯୁଗରେ ଗମ୍ଭୀର ତଥ୍ୟ ସାମ୍ନାକୁ ଆସିଛି । ଭାରତ ଲଗାତାର ଦ୍ୱିତୀୟ ବର୍ଷ ନିଜ ଘରେ ଟେଷ୍ଟ ସିରିଜ୍ ହାରିଛି । ୨୫ ବର୍ଷରେ ଟିମ୍ ଇଣ୍ଡିଆ ପ୍ରଥମ ଥର ଦୁଇଟି ସିଜିନ୍ ମିଶାଇ ଘରୋଇ ମାଟିରେ ୫ଟି ଟେଷ୍ଟ ହାରିଛି । ୬୬ ବର୍ଷରେ ପ୍ରଥମ ଥର ଭାରତ ୭ ମାସ ଭିତରେ ୫ଟି ଟେଷ୍ଟ ହାରିଛି । ରନ ମାମଲାରେ ଭାରତର ଏହା ହେଉଛି ସବୁଠୁ ବଡ଼ ପରାଜୟ ।

ଗମ୍ଭୀର କହିଛନ୍ତି, ମୋର ଭବିଷ୍ୟତ ଏବେ ବିସିସିଆଇ ହାତରେ । କିନ୍ତୁ ଏହା ଭୁଲିବା ଉଚିତ୍ ନୁହେଁ ଯେ, ମୁଁ ଦଳକୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଜୟ ଦେଇଛି । ମୋ ଅମଳରେ ଭାରତ ଚାମ୍ପିଅନ୍ସ ଟ୍ରଫି ଓ ଏସିଆ କପ୍ ଜିତିଛି । ଦଳର ଲଜ୍ଜାଜନକ ପରାଜୟ ପରେ ବି ଗମ୍ଭୀରଙ୍କ ମୁହଁଟାଣ ଯାଇନି । ଅନେକ ପୂର୍ବତନ କ୍ରିକେଟରଙ୍କଠୁ ନେଇ କ୍ରିକେଟ୍ ସମୀକ୍ଷକ ଗମ୍ଭୀରଙ୍କ କାର୍ଯ୍ୟଶୈଳୀ ପ୍ରତି ଆଙ୍ଗୁଳି ଉଠାଇଛନ୍ତି । ଅନେକ ପୂର୍ବତନ କ୍ରିକେଟ୍ ଓ ସମୀକ୍ଷକ ଗମ୍ଭୀରଙ୍କ ଯୁଗକୁ ଗ୍ରେଗ ଚାପେଲଙ୍କ ସମୟ ସହ ତୁଳନା କରୁଛନ୍ତି । ଚାପେଲ ମଧ୍ୟ ଟିମରେ ପରିବର୍ତ୍ତନ କରିଥିଲେ । ମାତ୍ର ତାଙ୍କ ଭୁଲର ସମସ୍ତ ଆରୋପ ଅଧିନାୟକ ଓ ବରିଷ୍ଠ ଖେଳାଳିଙ୍କ ଉପରେ ଯାଇଥିଲା । କିନ୍ତୁ ଏବେ ଗମ୍ଭୀରଙ୍କ ଉପରେ ସିଧାସଳଖ ଆଙ୍ଗୁଠି ଉଠିଛି । କାରଣ ଭାରତୀୟ ଦଳକୁ ସେ ଏମିତି ସ୍ତରକୁ ନେଇ ଯାଇଛନ୍ତି, ଯେଉଁଠି ଦଳ କ୍ରିକେଟର ପାରମ୍ପରିକ ଖେଳଠୁ ବିପରୀତ ଶୈଳୀରେ ଖେଳୁଛି ।

ମୋଟାମୋଟି ଗମ୍ଭୀରଙ୍କ କୋଚିଂ କାଳରେ ଭାରତ କେବଳ ଦୁଇଟି ଟେଷ୍ଟ ସିରିଜ୍ ଜିତିଛି । ସେ ପୁଣି ଲୋ ର୍ୟାଙ୍କର ଦଳ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ । ଏହି ପରାଜୟ ଟିମ୍ ଇଣ୍ଡିଆର ପ୍ରସ୍ତୁତି ଓ ଆଭିମୁଖ୍ୟକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଗମ୍ଭୀରଙ୍କ କୋଚିଂରେ ଭାରତ ବର୍ତ୍ତମାନ ନିଜର ସବୁଠୁ ମୁସ୍କିଲ ସ୍ଥିତି ଦେଇ ଗତି କରୁଛି । ପ୍ରଥମ ଥର ଭାରତକୁ ନିଜ ମାଟିରେ ସଂଘର୍ଷ କରିବାକୁ ପଡୁଛି । ୨୦୨୪ ଜୁଲାଇରେ ଗମ୍ଭୀରଙ୍କୁ ରାହୁଲ ଦ୍ରାବିଡ଼ଙ୍କ ସ୍ଥାନରେ ହେଡ୍ କୋଚ୍ କରାଯାଇଥିଲା । ତାଙ୍କର କାର୍ଯ୍ୟକାଳ ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି । ମାତ୍ର ଗମ୍ଭୀରଙ୍କ କୋଚିଂରେ ଟେଷ୍ଟ ଫର୍ମାଟରେ ଦଳର ପ୍ରଦର୍ଶନ ଯେମିତି ରହିଛି, ଏହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠୁ ବଡ଼ ପ୍ରଶ୍ନ କ'ଣ ବିସିସିଆଇ କୌଣସି ଆକ୍ସନ ନେବ । ନା ଗମ୍ଭୀରଙ୍କୁ ଆଉ ଏକ ସୁଯୋଗ ଦେବ । କାରଣ କିଛି ସିରିଜରେ ଖରାପ ପ୍ରଦର୍ଶନ କାରଣରୁ ରୋହିତ ଶର୍ମା, ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପରି ଖେଳାଳିଙ୍କ ଟେଷ୍ଟ କ୍ୟାରିୟର ସମାପ୍ତ ହୋଇ ଯାଇଥିଲା ।





# ପ୍ରତାରଣା କଲେ କି ପଲାଶ ?

ସ୍ମୃତି ମନ୍ଧାନାଙ୍କୁ ଧୋକା ଦେଲେ କି ପ୍ରେମିକରୁ ଭାବି ସ୍ୱାମୀ ପାଲଟିଥିବା ପଲାଶ ? ପଲାଶଙ୍କ ପ୍ରେମରେ ଥିଲା କି ପ୍ରତାରଣା? କିଛି ଏମିତି ଖବର ଏବେ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ସହ ସ୍ମୃତି ମନ୍ଧାନାଙ୍କ ଭାବିସ୍ୱାମୀ ପଲାଶଙ୍କ ଜଣେ ଯୁବତୀଙ୍କ ସହ ପର୍ସନାଲ ଚାଟ୍ ଏବେ ସୋସିଆଲ ମିଡିଆରେ ନିଆଁ ଭଳି ଭାଇରାଲ ହେଉଛି । ତେବେ ଟିମ୍ ଇଣ୍ଡିଆର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ସ୍ମୃତି ମନ୍ଧାନା ଏବଂ ଚଳଚ୍ଚିତ୍ର ନିର୍ମାତା ତଥା ସଂଗୀତକାର ପଲାଶ ମୁଛଲଙ୍କ ବିବାହ ବର୍ତ୍ତମାନ ବିବାଦର ରୂପ ନେବାକୁ ନିଷ୍ପତ୍ତି ହୋଇଛି । ନଭେମ୍ବର ୨୩ ତାରିଖରେ ସାଙ୍ଗଲିରେ ହେବାକୁ ଥିବା ଏହି ବିବାହ ପରିବାର ପକ୍ଷରୁ ସ୍ଥଗିତ ରଖାଯାଇଥିଲା । ଜାତୀୟ ଗଣମାଧ୍ୟମରେ ସୂଚନା ଦିଆଯାଇଥିଲା ଯେ ସ୍ମୃତିଙ୍କ ପିତା ଶ୍ରୀନିବାସ ମନ୍ଧାନାଙ୍କ ସ୍ୱାସ୍ଥ୍ୟ ଖରାପ ହେବା କାରଣରୁ ବିବାହକୁ ଘୁଞ୍ଚାଇ ଦିଆଯାଇଛି । ଶରୀରରେ ହୃଦଘାତର ଲକ୍ଷଣ ଦେଖିବାକୁ ମିଳିଥିଲା ଯେଉଁଥିପାଇଁ ସ୍ମୃତିଙ୍କ ପିତାଙ୍କୁ ହସ୍ପିଟାଲ୍ ନେବାକୁ ପଡ଼ିଥିଲା । ବାପାଙ୍କ ପରେ ପରେ ପଲାଶଙ୍କ ଦେହ ବି ଖରାପ ଥିଲା, ପରେ ତାଙ୍କୁ ବି ମେଡିକାଲ ନିଆଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଘଟଣା ଏବେ ନୂଆମୋଡ଼ ନେଇଥିବା ଜାତୀୟ ଗଣମାଧ୍ୟମରୁ ସୂଚନା ମିଳୁଛି ।

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସୋସିଆଲ୍ ମିଡିଆରେ ନୂତନ ବିବାଦ ଦେଖାଦେଇଛି । ବିବାହ ବାତିଲ ହେବାର ଘୋଷଣା ପରେ ପଲାଶଙ୍କ ବିରୋଧରେ ସୋସିଆଲ୍ ମିଡିଆରେ ଠକେଇ ଅଭିଯୋଗ ଲଗାଯାଉଛି । ଯାହା ବର୍ତ୍ତମାନ ଏହି ପ୍ରସଙ୍ଗକୁ ଆହୁରି ଗମ୍ଭୀର କରିଛି । ଇଣ୍ଟରନେଟରେ ଜଣେ ଯୁବତୀ ଏବଂ ପଲାଶଙ୍କ ଚାଟର ସ୍କ୍ରିନସଟ୍ ଘୁରି ବୁଲିଥିଲା । ଏହି ସ୍କ୍ରିନସଟଗୁଡ଼ିକୁ ପ୍ରଥମେ ମ୍ୟାରୀ ଡି'କୋଷ୍ଟା ନାମକ ଜଣେ ଇନଷ୍ଟାଗ୍ରାମୟୁଜର ସେୟାର କରିଥିଲେ ଏବଂ ପରେ ରେଡିଟରେ ଭାଇରାଲ ହୋଇଥିଲା । ଯେଉଁ ଆକାଉଣ୍ଟରୁ ଏହି ପୋଷ୍ଟଗୁଡ଼ିକ କରାଯାଇଥିଲା ତାହା ଏବେ ନିଷ୍କ୍ରିୟ ହୋଇଯାଇଛି ।

ଏହି ସବୁ ଚାଟ୍ ମେ ୨୦୨୫ର ବୋଲି କୁହାଯାଉଛି । ଏଥିରେ ପଲାଶ ମୁଛଲ ଉକ୍ତ ଯୁବତୀଙ୍କୁ ସ୍ୱିମିଂ ପାଇଁ ନିମନ୍ତ୍ରଣ କରୁଥିବାର ଦେଖାଯାଉଛି । ଯେତେବେଳେ ଯୁବତୀ ତାଙ୍କୁ ସ୍ମୃତିଙ୍କ ସହ ପ୍ରେମ ସମ୍ପର୍କ ବିଷୟରେ ପଚାରୁଛନ୍ତି ପଲାଶ ଏହାକୁ ଏଡ଼ାଇ ବାରମ୍ବାର ସାକ୍ଷାତ ପାଇଁ ଜିଦ୍ କରୁଛନ୍ତି । ଏହି ସ୍କ୍ରିନସଟ୍ ଭାଇରାଲ୍ ହେବା ପରେ ସୋସିଆଲ୍ ମିଡିଆରେ ୟୁଜର୍ସଙ୍କ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଦିନକ ପୂର୍ବରୁ ଖୁସି ହୋଇ ନାଚୁଥିବା ପୂରା ଷ୍ଟାଡିୟମ୍ ସାମ୍ନାରେ ସ୍ମୃତିଙ୍କୁ ପ୍ରପୋଜ୍ କରିଥିବା ପଲାଶ ଏମିତି କରିବେ କେହି ଭାବି ପାରୁନାହାନ୍ତି । କିଛି କିଛି ୟୁଜର୍ସ ଏନେଇ ରାଗ ପ୍ରତିକ୍ରିୟା ଦେଇଥିବା ବେଳେ ଆଉ କିଛି ଲୋକ ଏହାର ସତ୍ୟତା ଉପରେ ପ୍ରଶ୍ନ ଉଠାଉଛନ୍ତି ।

ସେପଟେ ଏବେ ସ୍ମୃତି ସୋସିଆଲ ମିଡିଆରୁ ନିଜ ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ସବୁ ଫଟୋ ଓ ଭିଡିଓ ହଟାଇ ଦେଇଥିବା ଦେଖାଯାଇଛି । ବିବାହ ସ୍ଥଗିତ ରହିବା ପରେ ସ୍ମୃତି କାହିଁକି ଏଭଳି କଲେ ତାକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ହେବାରେ ଲାଗିଛି । ବିବାହ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସେ ପ୍ରତି କାର୍ଯ୍ୟକ୍ରମର ଫଟୋ ସେୟାର କରିଥିଲେ । ଏମିତି କି ଭାରତୀୟ କ୍ରିକେଟର ଜେମିମା ରଡ୍ରିଗ୍ସ ମଧ୍ୟ ବିବାହର ଅନେକ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲେ । ଏବେ ଜେମିମା ମଧ୍ୟ ପୋଷ୍ଟ ହଟାଇଛନ୍ତି ।



ମହିଳା ପ୍ରିମିୟର ଲିଗର ପରବର୍ତ୍ତୀ ସଂସ୍କରଣ ପାଇଁ ଖେଳାଳି ନିଲାମ ହୋଇଛି । ଅନେକ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା ହୋଇଥିବା ବେଳେ ଆଉ କିଛି ତାରକା ଖେଳାଳିଙ୍କୁ କେହି କିଣିବା ପାଇଁ ଆଗ୍ରହ ପ୍ରକାଶ କରି ନାହାନ୍ତି । ଏହା ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସର ସହ ମାଲିକ ପାର୍ଥ ଜିନ୍ଦଲ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଆଗାମୀ ସମୟରେ ଡବ୍ଲ୍ୟୁପିଏଲରେ ଆଉ ଦୁଇଟି ନୂତନ ଦଳ ସାମିଲ୍ ହୋଇପାରେ । ଏମିତି ହେଲେ ଭାରତୀୟ କ୍ରିକେଟ୍ ବୋର୍ଡ ଲିଗକୁ "ହୋମ ଆଣ୍ଡ ଆୱେରେ ଆୟୋଜନ କରିବାର ସୁଯୋଗ ମିଳିପାରିବ । ବିସିସିଆଇ ଡବ୍ଲ୍ୟୁପିଏଲର ଚତୁର୍ଥ ସଂସ୍କରଣକୁ ୨ଟି ସହରରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ନଭି ମୁମ୍ବାଇ ଓ ଭଦୋଦରାରେ ଜାନୁଆରୀ ୯ରୁ ଡବ୍ଲ୍ୟୁପିଏଲ ଖେଳାଯିବ । ଜିନ୍ଦଲ କହିଛନ୍ତି, ମୁଁ ଚାହୁଁଛି ଆଇପିଏଲ୍ ପରି ଡବ୍ଲ୍ୟୁପିଏଲ ମଧ୍ୟ ଘରୋଇ ଏବଂ ପ୍ରତିଦ୍ୱନ୍ଦୀଙ୍କ ମଇଦାନରେ ଖେଳାଯାଉ । ବର୍ତ୍ତମାନ ଯେଉଁ ପ୍ରକ୍ରିୟାରେ ଖେଳା ଯାଉଛି, ତାହା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଦର୍ଶ ନୁହେଁ । ବର୍ତ୍ତମାନ କେବଳ ଦୁଇଟି ଗ୍ରାଉଣ୍ଡରେ ଖେଳା ଯାଉଛି । ବିସିସିଆଇ ଏହା ଉପରେ କାମ କରୁଛି । ଏହା ସହ ଆଗାମୀ ଦିନରେ ଡବ୍ଲ୍ୟୁପିଏଲ ପାଇଁ ବଡ଼ ଓ୍ୱିଣ୍ଡୋ ଆଣିଦେବ ।




# ବଢ଼ିପାରେ ଦଳ ସଂଖ୍ୟା

ଡବ୍ଲ୍ୟୁପିଏଲରେ ଗୋଟିଏ କିମ୍ବା ଦୁଇଟି ନୂଆ ଟିମ୍ ସାମିଲ୍ ହେବା ସ୍ପଷ୍ଟ । କିନ୍ତୁ ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟ ଏତେ ଛୋଟ ଯେ, ୧୪ ମାସରେ ଦୁଇ ଥର ଡବ୍ଲ୍ୟୁପିଏଲ ଆୟୋଜିତ ହେଉଛି । ଏମିତି ସ୍ଥିତିରେ ବିସିସିଆଇ ଗୋଟିଏ ଟିମ୍ ଯୋଡ଼ିବାକୁ ଯୋଜନା କରୁଛି । ଟୁର୍ଣ୍ଣାମେଣ୍ଟ ହୋମ୍ ଆଣ୍ଡ ଆୱେ ମଡେଲରେ ଖେଳାଯିବ । ଏମିତି ହେଲେ କ୍ରୀଡ଼ା ପ୍ରେମୀ, କ୍ରିକେଟ୍ ଓ ଡବ୍ଲ୍ୟୁପିଏଲ ପାଇଁ ଏହା ବେଶ ଉପଯୋଗୀ ଏବଂ ଲାଭଦାୟକ ହେବ । ନିକଟରେ ଭାରତୀୟ ମହିଳା ଦଳ ବିଶ୍ୱକପ ଜିତିଥିଲା । ଏଥିରେ ମହିଳା କ୍ରିକେଟ୍ ଦଳର ଲୋକପ୍ରିୟତା ଅଭୁତପୂର୍ବ ସ୍ତରରେ ପହଞ୍ଚିବ । ମହିଳା ପ୍ରିମିୟର ଲିଗ୍ ୨୦୨୬ ଲାଗି ମେଗା ନିଲାମ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମର୍କି ଖେଳାଳିମାନଙ୍କ ନିଲାମ ହୋଇଥିଲା । ଏହି ବର୍ଗରେ ମୋଟ ୮ ଜଣ ଖେଳାଳି ଥିଲେ । ସମସ୍ତଙ୍କୁ ନିଜ ନିଜର ଦଳ ମିଳିଥିବା ବେଳେ ଆଲିସା ହେଲି ଅନସୋଲ୍ଡ ଅଛନ୍ତି । ଏହି ରାଉଣ୍ଡରେ ସବୁଠାରୁ ମହଙ୍ଗା ଖେଳାଳି ହୋଇଛନ୍ତି ଅଲରାଉଣ୍ଡର ଦୀପ୍ତି ଶର୍ମା । ତାଙ୍କୁ ୟୁପି ଓ୍ୱାରିୟର୍ସ ଆରଟିଏମ ବ୍ୟବହାର କରି ଦିପ୍ତୀ ଶର୍ମାଙ୍କୁ ଟିମରେ ସାମିଲ କରିଛି ।

# ୨୩ ବର୍ଷ ପରେ ବିବାହ

**ନିକଟରେ ବିବାହକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ ଅଶ୍ଳେଷା ଶାୱନ୍ତ । ୨୩ ବର୍ଷର ଦୀର୍ଘ ପ୍ରେମ ସମ୍ପର୍କ ପରେ ଅଭିନେତ୍ରୀ ନିଜର ପ୍ରେମିକ ସନ୍ଦିପ ବାସୱାନଙ୍କ ସହିତ ବିବାହ କରିଛନ୍ତି ।**



ସେଲିବ୍ରେଟିମାନଙ୍କର ବିବାହ ସବୁବେଳେ ଖୁବ ଚର୍ଚ୍ଚାରେ ରହିଥାଏ । ହେଲେ ନିକଟରେ ଜଣେ ଟେଲି ଅଭିନେତା ଓ ଅଭିନେତ୍ରୀଙ୍କ ବିବାହ ଖୁବ ଚର୍ଚ୍ଚାରେ ରହିଛି । ଏହି କପଲ ପ୍ରେମ ସମ୍ପର୍କର ୨୩ବର୍ଷ ପରେ ବିବାହ କରିଛନ୍ତି, ଯେଉଁଥିପାଇଁ ଏହା ବେଶି ଚର୍ଚ୍ଚାରେ ଅଛି । ତାଙ୍କ ବିବାହରେ ପୂରା ଟେଲି ଇଣ୍ଡଷ୍ଟ୍ରୀ ଶୁଭେଚ୍ଛା ଜଣାଇବାରେ ଲାଗିଛି । ତେବେ ଅଶ୍ଳେଷା ନିଜ ଅଭିନୟ ପାଇଁ ମଧ୍ୟ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ୧୯୮୪ରେ ମହାରାଷ୍ଟ୍ରରେ ଜନ୍ମିତ ଅଶ୍ଳେଷା ୨୦୦୨ରେ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ନିଜର କ୍ୟାରିୟରର ଆରମ୍ଭ ସେ ପରିଚିତ ଶୋ କ୍ୟୁଁ ସାସ୍ ଭି କଭି ବୋହୁ ଥିରୁ ଆରମ୍ଭ କରିଥିଲେ । ଏହି ହିଟ୍ ଧାରାବାହିକରେ ଅଭିନୟ କରିବା ପରେ ଆଉ ପଛକୁ ଫେରି ଚାହି ନାହାନ୍ତି ଅଶ୍ଳେଷା । ଏହାପରେ ଗୋଟିଏ ପରେ ଗୋଟିଏ ହିଟ ଧାରାବାହିକରେ ଅଭିନୟ କରି ସମସ୍ତଙ୍କ ମନ ମୋହିଛନ୍ତି ସେ । ଏହାପରେ ତାଙ୍କୁ ଧାରାବାହିକ ସାତ ଫେରେ ସଲୋନି କା ସଫରରେ ଦେଖିବାକୁ ମିଳିଥିଲା । ଯେଉଁଥିରେ ତାଙ୍କ ଚରିତ୍ର ସମସ୍ତେ ଖୁବ ଭଲ ପାଇବା ଦେଇଥିଲେ । ସବୁଠାରୁ ଅଧିକ ଫେମ୍ ତାଙ୍କୁ ମିଳିଥିଲା ଧାରାବାହିକ କୁମ କୁମ ଭାଗ୍ୟରୁ । ଏଥିରେ ତାଙ୍କ ଚରିତ୍ରକୁ ଦର୍ଶକ ଖୁବ ଭଲପାଇବା ଦେଇଥିଲେ । ବର୍ତ୍ତମାନର ଏକ ସୁପରହିଟ ଶୋ ଅନୁପମାରେ ମଧ୍ୟ ଦର୍ଶକ ତାଙ୍କୁ ଦେଖିବାକୁ ପାଇଥିଲେ । କେବଳ ଟେଲିଭିଜନ ନୁହେଁ ବଡପରଦାରେ ମଧ୍ୟ ନିଜର ଜଲୱା ଦେଖାଇଥିଲେ ଅଶ୍ଳେଷା । ୨୦୨୨ରେ ତାଙ୍କୁ ଫିଲ୍ମ ହରିୟାନାରେ ଦର୍ଶକ ଦେଖିଥିଲେ । ଏହି ଫିଲ୍ମ ଜରିଆରେ ସେ ବଲିଉଡ ଡେବ୍ୟୁ କରିଥିଲେ । ସ୍କୁଲ ଜୀବନରୁ ନିଜର ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ ଅଶ୍ଳେଷା । ଦ୍ୱାଦଶ ଶ୍ରେଣୀରେ ପଢୁଥିବାବେଳେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ମଡେଲିଂ ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କରିଥିଲେ । ଏଥିପାଇଁ ସେ ଟ୍ରେନିଂ ନେବା ମଧ୍ୟ ଆରମ୍ଭ କରିଥିଲେ । ଯାହାପରେ ତାଙ୍କୁ ଅଫର ଆସିବା ଆରମ୍ଭ ହୋଇଥିଲା । ଏହାର କିଛିଦିନ ପରେ ସେ ମୁମ୍ବାଇ ଚାଲିଆସିଥିଲେ । ଏହାପରେ ତାଙ୍କୁ ପ୍ରଥମେ କସୌଟି ଜିନ୍ଦେଗୀ କିରେ ଏକ ଛୋଟ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ମିଳିଥିଲା । ଏହାପରେ ତାଙ୍କୁ କ୍ୟୁଁ କି ଓ କମାଲରେ ସୁଯୋଗ ମିଳିଥିଲା । ଅନେକ ଗୁଡିଏ ଧାରାବାହିକରେ ଅଭିନୟ କରି ସେ ଟିଭି ଦୁନିଆର ପରିଚିତ ଚେହେରା ପାଲଟି ଯାଇଥିଲେ । ଏହି ଧାରାବାହିକରେ ଅଭିନୟ ସମୟରେ ହିଁ ସେ ଅଭିନେତା ସନ୍ଦିପଙ୍କ ସହିତ ଦେଖା ହୋଇଥିଲେ । ଯାହାପରେ ଉଭୟ ୨୦୦୪ରୁ ପ୍ରେମ ସମ୍ପର୍କରେ ରହିଥିଲେ । ତେବେ ସମ୍ପର୍କର ୨୩ ବର୍ଷ ପରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି, ଯାହା ତାଙ୍କ ପରିବାର ସହିତ ଫ୍ୟାନଙ୍କୁ ମଧ୍ୟ ଖୁସି ଦେଇଛି ।